ଧରିତ୍ରୀ
DHARITRI
June 04-10, 2023 ₹ 2/-

ଛୁଟିଦିନ

ପ୍ରଚ୍ଛଦ ପ୍ରସଙ୍ଗ

୪

# ସବୁଜ ଯୋଦ୍ଧା



ମଣିଷ ନିଜର ସୁଖ ସୁବିଧା
ଓ ବିକାଶ ନାଁରେ କାଟି
ଚାଲିଛି ବୃକ୍ଷ। ଫଳରେ ପ୍ରକୃତି
ହରାଉଛି ତା'ର ସବୁଜିମା।
ବିଗୁଡୁଛି ପରିବେଶ ସନ୍ତୁଳନ।
ହେଲେ କେତେଜଣ ପଣ
ନେଇଛନ୍ତି ପୁଣିଥରେ
ଫେରେଇବେ ପ୍ରକୃତିର
ସେଇ ସବୁଜିମା...



# ଘରେ କେଉଁ ଫଟୋ ଲଗାଇବେ ନାହିଁ

ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅନେକେ କାନ୍ଥରେ ସୁନ୍ଦର ଫଟୋ ଲଗାଇଥାନ୍ତି। ତେବେ ଏହି ଫଟୋ ଲଗାଇବାକୁ ନେଇ ମଧ୍ୟ ବାସ୍ତୁଶାସ୍ତ୍ରରେ ରହିଛି କିଛିଟା ନିୟମ। ଯେମିତିକି–

* ନଟରାଜଙ୍କ ମୂର୍ତ୍ତି ହେଉ ଅବା ଫଟୋକୁ ଘରେ ରଖିବା ଠିକ୍ ନୁହେଁ। କାରଣ ଏଥିରେ ଭଗବାନ ଶିବଙ୍କର ତାଣ୍ଡବ ମୁଦ୍ରା ରହିଥାଏ ; ଯାହାକୁ ବିଧ୍ୱଂସର ପ୍ରତୀକ ବୋଲି କୁହାଯାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଅସ୍ତ୍ରଶସ୍ତ୍ର କିମ୍ବା ଯୁଦ୍ଧ ସମ୍ବନ୍ଧୀୟ



ଫଟୋ ଲଗାଇବା ମଧ୍ୟ ଠିକ୍ ନୁହେଁ। ବିଶେଷକରି ମହାଭାରତ ଯୁଦ୍ଧର ଫଟୋ ଲଗାଇବେ ନାହିଁ। ଏହାଦ୍ୱାରା ଭ୍ରାତୃ ସମ୍ପର୍କରେ ତିକ୍ତତା ଆସିଥାଏ ବୋଲି ବିଶ୍ୱାସ ରହିଛି।
* ପାଣିରେ ବୁଡ଼ି ଯାଉଥିବା ଡଙ୍ଗା କିମ୍ବା ଜାହାଜର ଫଟୋକୁ ମଧ୍ୟ କାନ୍ଥରେ ଲଗାଇବା ଉଚିତ୍ ନୁହେଁ। ଏହା ପ୍ରଗତିରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ ରହିଛି।
* ଘରେ ପିଲାମାନଙ୍କର ଫଟୋ ଲଗାଇବା ସୌଭାଗ୍ୟର ସୂଚନା ଦିଏ। ଖାସ୍‌କରି ନବଦମ୍ପତିଙ୍କ ରୁମ୍‌ରେ ପିଲାଙ୍କ ଫଟୋ ଲଗାଇବା ଶୁଭଫଳ ଦେଇଥାଏ। କିନ୍ତୁ କେବେ ବି କାନ୍ଦୁଥିବା କିମ୍ବା ରାଗିକି ଚାହୁଁଥିବା ପିଲାର ଫଟୋ ଲଗାଇବେ ନାହିଁ, ଏହା ଦୁର୍ଭାଗ୍ୟକୁ ଡାକି ଆଣିଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଗୋଲାପ ଫୁଲର ଫଟୋ ଲଗାଇପାରିବେ କିନ୍ତୁ ଏହାର ଗଛର ଫଟୋକୁ ଲଗାଇବେ ନାହିଁ। କାରଣ ଏଥିରେ ଥିବା କଣ୍ଟାର ଛବି ଘରେ ନକାରାତ୍ମକ ଉର୍ଜା ବୃଦ୍ଧି କରିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୪-୧୦

**ମେଷ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ମର୍ଯ୍ୟାଦାବନ୍ତ ହେବେ, କଠିନ ପରିଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟହାନୀ, ସାହିତ୍ୟକୃତିରୁ ପ୍ରଶଂସା, ଚଳଚ୍ଚିତ୍ରରେ ପ୍ରତିବନ୍ଧକ, ଆର୍ଥିକସ୍ଥିତି ସ୍ଥିର ରହିବ, ପାରିବାରିକ ମତାନ୍ତର॥

**ବୃଷ:** ବନ୍ଧୁମାନଙ୍କ ସ୍ୱାର୍ଥପରତା, ନିର୍ମାଣ କାର୍ଯ୍ୟରେ ବାଧା, ପ୍ରଶାସନିକ ହଟଚମଟ, ନୂତନ ଯାନବାହନ କ୍ରୟ, ଆନୁଷ୍ଠାନିକ କାର୍ଯ୍ୟର ତତ୍ପରତା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁକମ୍ପା, ବିବାଦର ଅବସାନ, ବ୍ୟବସାୟିକ ଉତ୍କର୍ଷତା, ଦୁଃଖାତନରୁ ଅପନିନ୍ଦା॥

**ମିଥୁନ:** ସ୍ଥଗିତ କାର୍ଯ୍ୟାରମ୍ଭ, ମାନସିକ ଶାନ୍ତି ବ୍ୟାହତ, ଲୋକସମ୍ପର୍କ ହ୍ରାସ, ସ୍ୱର୍ଣ୍ଣାଳଙ୍କାର କ୍ରୟ, ମିତ୍ରତା ସୃଷ୍ଟି କରିପାରନ୍ତି, ମନୋରଞ୍ଜନ କାର୍ଯ୍ୟରେ ରୁଚି, ଦୂରଯାତ୍ରା କରିବାକୁ ପଡ଼ିପାରେ, ଅଧ୍ୟାପନା ପ୍ରିୟ ହେବେ, ଖୁସିରେ ଦିନ କାଟିବେ॥

**କର୍କଟ:** ଯାତ୍ରାରେ ସଫଳତା, ଆଶାପୂରଣ ହେବ, ଖୋଜୁଥିବା ଜିନିଷ ପାଇବେ, ସମସ୍ୟା ସମାଧାନ ହେବ, ବନ୍ଧୁ ସହଯୋଗ କରିବେ, ଅବସାଦ ଦୂରହେବ, ପଦମର୍ଯ୍ୟାଦା ବୃଦ୍ଧି॥

**ସିଂହ:** ନୂତନ କର୍ମାରମ୍ଭ କରିବେ, ଅସୁବିଧା ହେବନି, ବ୍ୟାଙ୍କଲୋନ୍ ମିଳିବ, ବନ୍ଧୁ ସହଯୋଗ କରିବେ, ଫଳପ୍ରଦ ଆଲୋଚନା, ଭୋଗ ବିଳାସର ସୁଯୋଗ, ନୂଆସମ୍ପର୍କ ଯୋଡ଼ିବେ, କର୍ମଧାରାରେ ନୂତନତ୍ୱ ଆସିବ॥

**କନ୍ୟା:** ଅଭିମାନରୁ ସମାଲୋଚନା, ନୈତିକତାର ଅବକ୍ଷୟ, କଳାପ୍ରିୟ ହେବେ, ଆର୍ଥିକ ସ୍ୱଚ୍ଛଳତା ଆସିବ, ପ୍ରିୟବନ୍ଧୁଙ୍କ ସାନ୍ନିଧ ଲାଭ, ମିଥ୍ୟାପବାଦ ମିଳିପାରେ, ସ୍ୱଜନ ଶତ୍ରୁତା, ବିବାଦର ସମାଧାନ, ପଡୋଶୀଙ୍କ ସହୃଦୟତା, ସାହିତ୍ୟାନୁରାଗୀ ହେବେ॥

**ତୁଳା:** ଆଶାପୂରଣ ହୋଇପାରେ, ଅନୁକୂଳ ପରିବେଶ ସୃଷ୍ଟି ହେବ, ସମ୍ପର୍କହାନୀର ଆଶଙ୍କା ରହିଛି, ଯୋଜନାକୁ ବାସ୍ତବ ରୂପ ଦେବେ, ଯାତ୍ରା ଫଳପ୍ରଦ ହେବ, ପାରିବାରିକ ଶାନ୍ତି, ଧର୍ମକାର୍ଯ୍ୟରେ ସହଯୋଗ, କରଜଦାତାଙ୍କ ଚାପ॥

**ବିଛା:** ଉଚ୍ଚସମ୍ମାନ ପାଇବେ, ଉଦ୍ୟମ ଅବ୍ୟାହତ ରଖନ୍ତୁ, ଶୁଭକାର୍ଯ୍ୟରେ ଯୋଗଦେବେ, ଦୂରଯାତ୍ରାର ସୁଯୋଗ, ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ, ଅପନିନ୍ଦା ପାଇପାରନ୍ତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଝଗଡ଼ା॥

**ଧନୁ:** କଠିନ ପରିଶ୍ରମ କରିବେ, ସ୍ୱାସ୍ଥ୍ୟ ଭଲ ରହି ନ ପାରେ, ବିବାଦଗ୍ରସ୍ତ ହୋଇପାରନ୍ତି, ନୀତିଗତ କାମରୁ ପ୍ରଶଂସା, ରାଜକୀୟ ସମ୍ମାନ ଲାଭ, ଟେନସନ କମିଯିବ, ଅନ୍ୟମନସ୍କତାରୁ ଧନହାନୀ, ବିସ୍ମରଣରୁ ସମାଲୋଚନା॥

**ମକର:** ସମସ୍ୟା ସମାଧାନ, ପରିସ୍ଥିତିକୁ ସଜାଡିବେ, ଚିନ୍ତେ ନଇଁ ପଡ଼ିବା ଭଲ, ଅଭାବ ରହିବନି, ବନ୍ଧୁଙ୍କ ପ୍ରତିଶ୍ରୁତି ପାଇବେ, ଆନୁଷ୍ଠାନିକ କାମରେ ଦକ୍ଷତା, ପରିବାରର ପ୍ରତିରୋଧ, ଶୁଣାଣି ବିଳମ୍ବରେ ଘଟିବ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚବର୍ଗର ସହଯୋଗ॥

**କୁମ୍ଭ:** ବନ୍ଧୁ ମିଳନ, ନିଯୁକ୍ତି ଖବର ପାଇବେ, ବନ୍ଧୁମାନଙ୍କ ସମ୍ବର୍ଦ୍ଧନା, ଆର୍ଥିକ ଅଭିବୃଦ୍ଧି, ସ୍ୱଜାତୀୟଙ୍କ ଅବିଚାର, ସଂଯମତା ଜରୁରୀ ହୋଇପାରେ, ବ୍ୟବସାୟିକ ଉନ୍ନତି, ଖର୍ଚ୍ଚାନ୍ତ ହେବେ, ମିଥ୍ୟାପବାଦ ଆସିପାରେ॥

**ମୀନ:** କର୍ମକ୍ଷେତ୍ରରେ ବିତର୍କ, ଫାଇଲ୍ କାମବୃଦ୍ଧି, ସମ୍ପର୍କରେ ଉନ୍ନତି ଘଟିବ, ପ୍ରତିବନ୍ଧକ ଦୂର ହେବ, ଉପରୁ ଡାକରା ଆସିବ, ବନ୍ଧୁଙ୍କ ପ୍ରେରଣା ମିଳିବ, ଉଚ୍ଚପଦବୀ ପାଇବେ, ପିଠି ଥାପୁଡ଼େଇ କାମ, ଶିଳ୍ପବାଣିଜ୍ୟରେ ଉନ୍ନତି, ସାମ୍ବାଦିକତାରୁ ଗୌରବ, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା॥

# ଧାର୍ମିକ ପୁସ୍ତକକୁ ରଖିବେ କେମିତି

ଧାର୍ମିକ ପୁସ୍ତକର ଅଧ୍ୟୟନ ମନକୁ ଶାନ୍ତି ଦେବା ସହ ଉଚିତ୍ ମାର୍ଗ ଦେଖାଇଥାଏ। ଏହି ପୁସ୍ତକଗୁଡ଼ିକୁ ପବିତ୍ର ବୋଲି କୁହାଯାଏ। ତେଣୁ ଏହାକୁ ଉପଯୁକ୍ତ ସମ୍ମାନ ଦେବା ସହିତ ଖୁବ୍ ଯତ୍ନର ସହ ସାଇତି ରଖିବା ଦରକାର। ସେଥିପାଇଁ ଅନେକେ ପୂଜାଘରମାନଙ୍କରେ ବିଭିନ୍ନ ପ୍ରକାରର ଧାର୍ମିକ ଗ୍ରନ୍ଥ ହେଉ ଅବା ପୁସ୍ତକ ଆଦିକୁ ରଖିଥାନ୍ତି।



ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଧାର୍ମିକ ପୁସ୍ତକକୁ ରଖିବାର ଉପଯୁକ୍ତ ଦିଗ ହେଉଛି ପଶ୍ଚିମ ଦିଗ। ଏହି ଦିଗର ପରିଷ୍କାର ସ୍ଥାନରେ ଧାର୍ମିକ ଗ୍ରନ୍ଥ ହେଉ ଅବା ପୁସ୍ତକକୁ ରଖି ନିୟମିତ ଅଧ୍ୟୟନ କଲେ, ଘର ତଥା ଘରର ସଦସ୍ୟଙ୍କର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବେଳେବେଳେ ଦେଖାଯାଏ, କିଛି ଲୋକ ପଢୁପଢୁ ତକିଆ ତଳେ ବି କୌଣସି ଧାର୍ମିକ ପୁସ୍ତକକୁ ରଖି ଶୋଇଯାନ୍ତି, କିନ୍ତୁ ଏପରି କରିବା ଆଦୌ ଠିକ୍ ନୁହେଁ। ଏପରି କାର୍ଯ୍ୟ ସମସ୍ୟାକୁ ଟାଣି ଆଣେ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ପାଠକୀୟ

ଭୂପୃଷ୍ଠରେ ଜଳର ସ୍ତର କେଉଁଠି କେତେ ପରିମାଣରେ ରହିଛି, ତା'ର ସନ୍ଧାନ ଦେଉଥିବା କେତେଜଣ ଜଳ ସନ୍ଧାନୀଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। 'ବାସ୍ତୁ ଅନୁଯାୟୀ ଶୌଚାଳୟ', 'ଝାଳ ବୋହୁଥିଲେ' ଏବଂ 'ଘରେ ରଖନ୍ତୁ ଏଇ ମୂର୍ତ୍ତି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସାଗରିକା ପଟ୍ଟନାୟକ, ରାଣୀହାଟ, କଟକ*

ଯେତେବେଳେ କୌଣସି ଲୋକ ପାନୀୟ ଜଳ ପାଇଁ ଖନନ କଥା ଚିନ୍ତା କରନ୍ତି, ସେମାନେ ଚିନ୍ତାରେ ପଡ଼ି ଯାଆନ୍ତି ଯେ, କେତେ ମାଟି ଖୋଳିବା ପରେ ଜଳର ସନ୍ଧାନ ମିଳିବ। ଅବଶ୍ୟ ଏହି ସମସ୍ୟାର ସମାଧାନ କରିଥାନ୍ତି ଜଳ ସନ୍ଧାନୀମାନେ। ଜଳସନ୍ଧାନ ସମ୍ପର୍କରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିମାନେ ସେମାନଙ୍କ ଅନୁଭବ ଓ ଅନୁଭୂତିକୁ ନେଇ ବିଭିନ୍ନ ପାରମ୍ପରିକ ସୂତ୍ର ଓ ବୈଜ୍ଞାନିକ ପଦ୍ଧତିକୁ ଭିତ୍ତିକରି କହିଥାନ୍ତି ଭୂତଳ ଜଳଉତ୍ସର ଠିକଣା। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଜଳ ସନ୍ଧାନୀ' ସତରେ ବେଶ୍ ସୁନ୍ଦର ଆଲେଖ୍ୟ ଥିଲା।

*– ରାଜୁ ସ୍ୱାଇଁ, ପିପିଲି, ପୁରୀ*

ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଅନୁବାଦିକା ଶକୁନ୍ତଳା ବଳିଆରସିଂହଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସାବିତ୍ରୀ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ହୋଇଥିଲା। ବିଶେଷକରି ଏଥିରେ ସ୍ଥାନିତ 'କ୍ଷଣକୋପୀ ସୋନାକ୍ଷୀ', 'ନୀରବ ରହୁଛନ୍ତି ବେବୋ', 'ମାନୁଷୀଙ୍କ ରୋଲ୍ ମଡେଲ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଲାଗୁଥିଲା।

*– ସଚ୍ଚିଦାନନ୍ଦ ସାହୁ, ବାରଙ୍ଗ, କଟକ*

ସାହିତ୍ୟିକା ସୁଷମା ପରିଜାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟଛୁଆଁ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଡେନିମ୍ ଶର୍ଟ୍ସ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସାନ୍‌ଭୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଅଷ୍ଟମୁଡ଼ି ହ୍ରଦ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ରାକେଶ ଶତପଥୀ, ଭବାନୀପାଟଣା*

ବିବିଧା ପୃଷ୍ଠାରୁ 'ବୋତାମ' ସମ୍ପର୍କରେ ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରୁ 'ମହାକାଶରେ ରେଷ୍ଟୁରାଣ୍ଟ', 'ମି.ଡୁଡଲ୍‌ଙ୍କ ଡୁଡଲ୍ ଆର୍ଟ ଘର' ତଥା 'ଝିଅ ହୋଇଯାଏ ପୁଅ' ଆଦି ପାଠ ସମ୍ପର୍କରେ ବହୁ ଅଜଣା କଥା ଜାଣି ଆଶ୍ଚର୍ଯ୍ୟ ଲାଗିଲା। ସେହିପରି 'ଭାର୍ଯ୍ୟାଂ ଶରଣଂ ଗଚ୍ଛାମି' ଶୀର୍ଷକ ବ୍ୟଙ୍ଗଟି ବି ଖୁବ୍ ଶିକ୍ଷଣୀୟ ହୋଇପାରିଥିଲା।

*– ବୀରଭଦ୍ର ଦାଶ, ଆଳି, କେନ୍ଦ୍ରାପଡ଼ା*

## ବିଶେଷ ଚିଠି




ଖରାଦିନେ ଜଳ ସନ୍ଧାନୀକୁ ନେଇ,
ଥିଲା ଏଥରର ତୁମ ପ୍ରଚ୍ଛଦ।
ଲାଗୁଥିଲା ଭାରି ନିଆରା,
ମନେ ଭରୁଥିଲା ଅପାର ଆନନ୍ଦ।
ସାଥୀର ଉତ୍ତର ଥିଲା ବଡ଼ ଚମତ୍କାର
ନୂଆ କାହାଣୀ କହୁଥିଲା ସିନେମାର ଖବର।
ଅନ୍ୟ ପୃଷ୍ଠା ସବୁ ବି ଥିଲା ଭାରି ବଢିଆ
ଛୁଟିଦିନ ତୁମେ ଏମିତି ଆସୁଥାଅ।

*– ମହାମାୟା ନାୟକ, ଜଗନ୍ନାଥ ନଗର, ଭୁବନେଶ୍ୱର*


ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

**ଶୋଇବା ସମୟରେ ସ୍ୱପ୍ନ ଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଖରାପ ଓ ଭୟାନକ ସ୍ୱପ୍ନ ଆସିଲେ ତା'ର ପ୍ରଭାବ ପୁରା ଦିନଚର୍ଯ୍ୟା ଉପରେ ପଡିଥାଏ। ଏମିତିକି ବେଳେବେଳେ ଏହାର ଭୟ ମନରେ ଘର କରିଯାଏ। ତେବେ ଏହାର ସମାଧାନ ଭାବେ ବାସ୍ତୁଶାସ୍ତ୍ରରେ ଡ୍ରିମ୍ କ୍ୟାଚର୍‌କୁ ଘରେ ଲଗାଇବାକୁ ପରାମର୍ଶ ଦିଆଯାଏ..**

# ଡ୍ରିମ୍ କ୍ୟାଚର୍



**ଶୋ**ଇବା ସମୟରେ ସ୍ୱପ୍ନ ଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏଇ ସ୍ୱପ୍ନ କେବେ ବେଶ୍ ସୁଖଦ ହୋଇଥାଏ ତ କେବେ ବେଶ୍ ଭୟାନକ। ଆଉ ଭୟାନକ ସ୍ୱପ୍ନ ଆସିଲେ ତା'ର ପ୍ରଭାବ ପୁରା ଦିନଚର୍ଯ୍ୟା ଉପରେ ପଡିଥାଏ। କାରଣ କିଛି ସ୍ୱପ୍ନକୁ ଆମେ ଆଗାମୀ ଦିନରେ ଘଟିବାକୁ ଥିବା ଘଟଣାର ଆଗୁଆ ସଙ୍କେତ ଭାବେ ଧରିନେଉ ତ ଆଉ କିଛି ସ୍ୱପ୍ନକୁ ଶୁଭ ଓ ଅଶୁଭ ଭାବେ ଗଣନା କରୁ। ତେଣୁ କିଛି ଖରାପ ସ୍ୱପ୍ନ ଦେଖିଲେ ମନରେ ଭୟ ଘର କରିଯାଏ। ଏହାର ସମାଧାନ ଭାବେ ବାସ୍ତୁଶାସ୍ତ୍ରରେ ଡ୍ରିମ୍ କ୍ୟାଚର୍‌କୁ ଘରେ ଲଗାଇ ହେବ ବୋଲି କୁହାଯାଇଛି। ବାସ୍ତୁଶାସ୍ତ୍ର ଅନୁଯାୟୀ ଏହାକୁ ଘରର ସଠିକ ଦିଗରେ ଲଗାଇଲେ ଖରାପ ସ୍ୱପ୍ନରୁ ମୁକ୍ତି ମିଳିଥାଏ।

**ଡ୍ରିମ କ୍ୟାଚର୍ କ'ଣ:** ଡ୍ରିମ କ୍ୟାଚର୍ ଦେଖିବାକୁ ଏକ ସୁନ୍ଦର ୱାଲ୍ ହ୍ୟାଙ୍ଗି ପରି। ଯାହାର ଉପରଭାଗ ଗୋଲାକାର ହୋଇଥାଏ ଓ ଏହି ଗୋଲାକାର ଭିତରେ ସୁତାର ୱେବ ବା ଜାଲ ପରି କରାଯାଇଥାଏ। ବିଶ୍ୱାସ ରହିଛି ଏହି ୱେବ ସବୁ ନକରାତ୍ମକ ଉର୍ଜା ଧରିନିଏ ଓ ସକାରାତ୍ମକ ଉର୍ଜା ପ୍ରଦାନ କରିଥାଏ। ଡ୍ରିମ୍ କ୍ୟାଚର୍‌ର ତଳଭାଗରେ ରଙ୍ଗବିରଙ୍ଗର ପକ୍ଷୀର ପର ଝୁଲିଥାଏ। ଯାହାକି ଦେଖିବାକୁ ବେଶ୍ ସୁନ୍ଦର ଓ ଆକର୍ଷକ ଲାଗେ। ଏହା ଘର ସାରା ସକରାତ୍ମକ ଉର୍ଜା ବିଚ୍ଛୁରିତ କରିଥାଏ। ବାସ୍ତୁଶାସ୍ତ୍ର ଓ ଫେଙ୍ଗସୁଇରେ ଏହାକୁ ଘରେ ଲଗାଇଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି।

**ସୁଫଳ:** ଏହାକୁ ଲଗାଇଲେ ଘରେ ସକରାତ୍ମକ ଉର୍ଜା ବାସ କରିଥାଏ। ଫଳରେ ପରିବାର ସଦସ୍ୟଙ୍କ ମଧ୍ୟରେ ସର୍ବଦା ସକରାତ୍ମକ ଭାବ ରହେ। ଏହାବାଦ୍ ଏହା ଖରାପ ସ୍ୱପ୍ନକୁ ଦୂର କରିଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ତେଣୁ ଯଦି ସବୁବେଳେ ଖରାପ ସ୍ୱପ୍ନ ଆସୁଛି ଏହାକୁ ଘରେ ଲଗାନ୍ତୁ। ତା'ଛଡା ଏହାବି ବିଶ୍ୱାସ କରାଯାଏ ଏହାକୁ ଲଗାଇଲେ ଘରର ଯେକୌଣସି ବାସ୍ତୁଦୋଷ ଥିଲେ ବି ତାହା ଦୂର ହୁଏ।

**କେଉଁଠି ଲଗାଇବେ:** ଏହାକୁ ବାରଣ୍ଡା, ଝରକା ଅବା ବାଲକୋନୀରେ ଲଗାଇପାରିବେ। ବାସ୍ତୁଶାସ୍ତ୍ର ଅନୁଯାୟୀ ଡ୍ରିମ କ୍ୟାଚର୍‌କୁ ଏଭଳି ସ୍ଥାନରେ ଲଗାଇବେ ଯେମିତିକି ଏହା ତଳେ କେହି ବସି ପାରିବେନି କି ଏହା ତଳ ଦେଇ କେହି ଯାଇପାରୁ ନ ଥିବେ। ଏହାକୁ ସବୁବେଳେ ଦକ୍ଷିଣ ପଶ୍ଚିମ ଦିଗରେ ଲଗାଇବା ଭଲ। ଚାହିଁଲେ ପୂର୍ବ ଦିଗରେ ବି ଲଗାଇପାରିବେ। ଖାସ୍‌କରି ଏହାକୁ ବେଡ୍ ପାଖରେ ଲଗାଇଲେ ଭଲ। ଏହାକୁ ପିଲାଙ୍କ ବେଡରୁମ୍‌ରେ ମଧ୍ୟ ଲଗାଇପାରିବେ। ଏହାକୁ କେବେ ବି ରୋଷେଇ ଘର କିମ୍ବା ବାଥ୍‌ରୁମ୍‌ରେ ଲଗାଇବେ ନାହିଁ। ଏଭଳି କଲେ ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।






## ଆୟୁର୍ବେଦ ଔଷଧିର ଚମତ୍କାରିତା

**ଗ୍ୟାସ୍ ଓ ଏସଡ଼ିଟି ପାଇଁ ଚିନ୍ତିତ କି?** available at amazon

ଗ୍ୟାଷ୍ଟ୍ରିକ ବା ଏସିଡିଟି ଆଜିର ଏକ ଅସାଧାରଣ ସମସ୍ୟାରେ ପରିଣତ ହେଲାଣି। ଏହାର ମୁଖ୍ୟ କାରଣ-ଅନିୟମତା ଖାଦ୍ୟ ଗ୍ରହଣ ଓ ଜୀବନ ଶୈଳୀ, ଫାଷ୍ଟଫୁଡ୍, ଦୀର୍ଘଦିନ ଧରି ଡାଇବେଟିସ୍ ହେବା, ବହୁତ ଦିନ ଧରି ଆଣ୍ଟିବାୟୋଟିକ୍ ବ୍ୟବହାର, ଠିକ୍ ସମୟରେ ନ ଖାଇଲେ, ଭୋକ ହେଲେ ନ ଖାଇବା ଓ ଭୋକ ମରିଯିବା ପରେ ଖାଇବା, ପ୍ରତିଦିନ ଝାଡା ସଫା ନ ହେବା ଗ୍ୟାଷ୍ଟ୍ରିକ୍‌ର ମୁଖ୍ୟ କାରଣ। ଗ୍ୟାଷ୍ଟ୍ରିକ ରୋଗୀ ସକାଳ ଜଳଖିଆ ଶଯ୍ୟା ତ୍ୟାଗର ୧ ରୁ ୨ ଘଣ୍ଟା ଭିତରେ ଖାଇବା ଆବଶ୍ୟକ। ରାତିରେ ୮ଟା ରୁ ୯ଟା ମଧ୍ୟରେ ହାଲୁକା ଭୋଜନ ଗ୍ରହଣ ଓ ଖାଇବାର ୧ ରୁ ୨ ଘଣ୍ଟା ପରେ ପାଣି ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅନେକାଂଶ ପ୍ରଶମିତ ହୋଇଥାଏ। ଗ୍ୟାଷ୍ଟ୍ରିକ୍ ଯୋଗୁଁ ଶରୀରରେ ଅନେକ ରୋଗ ଜନ୍ମେ। ହଜମ ଶକ୍ତି କ୍ରମଶ ଦୁର୍ବଳ ହେଲେ ଶରୀରରେ ଆଣ୍ଠୁ ଗଣ୍ଠି ରୋଗ , ଥଣ୍ଡା, କଫ, ଶ୍ୱାସ, ଅର୍ଶ, ପିତ୍ତକୋଶରେ ପଥର ହେବା, ପରିସ୍ରା ଜଳାପୋଡା ହେବା, ଧାତୁଗତ ରୋଗ, ନିଦ୍ରାହିନତା, ହାଇ ବ୍ଲଡ୍ ପ୍ରେସର (ଉଚ୍ଚ ରକ୍ତଚାପ) କୋଷ୍ଠ କାଠିନ୍ୟ ଆଦି ରୋଗ ସୃଷ୍ଟି ହୁଏ।

ଏହି ସବୁ ସମସ୍ୟା ପାଇଁ **ଓଡିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ ଆୟୁର୍ବେଦ ଶାସ୍ତ୍ରୀ କବିରାଜ ବନମାଳୀ ଦାଶଙ୍କ** ଦ୍ୱାରା **ଶିବାଷ୍ଟକ ଚୂର୍ଣ୍ଣ** ଭଳି ଦୁର୍ଲଭ ଔଷଧ ପ୍ରସ୍ତୁତ କରିଛନ୍ତି। ଏହି ଶିବାଷ୍ଟକ ଚୂର୍ଣ୍ଣ ବ୍ୟବହାର କଲେ ବହୁ ପୁରାତନ ଗ୍ୟାଷ୍ଟ୍ରିକ, ବଦହଜମି, ଆମ୍ବିଳା ହାକୁଟି, କ'ଣ ଦିଟା ଖାଇଲେ ପେଟ ଭାରି ଭାରି ଲାଗିବା, ଛାତି ତଣ୍ଟି ପୋଡା ଜଳା ହେବା, ପେଟ ମରା, ତଳି ପେଟ କାମୁଡିବା, ଦୀର୍ଘଦିନର କୋଷ୍ଠବଦ୍ଧତା ଆଦିକୁ ଦୂର କରି ଆଶ୍ଚର୍ଯ୍ୟ ଭାବରେ ଭୋକ ଓ ହଜମ ଶକ୍ତି ବଢାଏ। ପ୍ରତିଦିନ ୨ ଚାମଚ ଶିବାଷ୍ଟକ ଚୂର୍ଣ୍ଣ ଦିନକୁ ୨ ଥର ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲେ ଆଶୁ ଫଳ ମିଳେ। ଯଦି ଝାଡା ସଫା ନ ହୁଏ ତେବେ ଶୋଇବା ପୂର୍ବରୁ ଉଷୁମ ପାଣିରେ ୨ ଚାମଚ **ଓଡିଶା ପେଟ ଶୁଦ୍ଧି ଚୂର୍ଣ୍ଣ** ଖାଇବେ।




**ଶିବାଷ୍ଟକ ଚୂର୍ଣ୍ଣ**

ଆୟୁର୍ବେଦ ବିଶାରଦ
କବିରାଜ ବନମାଳୀ ଦାଶ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢାଏ

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ Contact- 9437883226

Advt.



# ସବୁଜ ଯୋଦ୍ଧା

**ମଣିଷ ନିଜର ସୁଖ ସୁବିଧା ଓ ବିକାଶ ନାଁରେ କାଟି ଚାଲିଛି ବୃକ୍ଷ। ଫଳରେ ପ୍ରକୃତି ହରାଉଛି ତା'ର ସବୁଜିମା। ବିଗୁଡୁଛି ପରିବେଶ ସନ୍ତୁଳନ। ତେବେ କେତେଜଣଙ୍କ ମନ ପ୍ରକୃତିର ଏହି ଶ୍ରୀହିନ ଅବସ୍ଥାରେ ହୋଇ ଉଠୁଛି ବ୍ୟାକୁଳ । ପ୍ରକୃତିର ଦୁଃଖରେ କାନ୍ଦୁଛି ତାଙ୍କ ପ୍ରାଣ। ସେଇଥିପାଇଁ ତ ସେମାନେ ପଣ ନେଇଛନ୍ତି ପୁଣିଥରେ ଫେରେଇବେ ପ୍ରକୃତିର ସେଇ ସବୁଜିମା...**

**ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ:** ଆସାମର ଯାଦବ ପାୟେଙ୍ଗ ବେଶ୍ ପରିଚିତ 'ମୋଲାଇ' ନାମରେ। ଜଣେ ପରିବେଶବିତ୍ ଭାବେ ତାଙ୍କର ରହିଛି ଅନେକ ଖ୍ୟାତି। ତାଙ୍କୁ ଯେତେବେଳେ ମାତ୍ର ୧୯ ବର୍ଷ ବୟସ ହୋଇଥିଲା, ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଭୟଙ୍କର ବନ୍ୟା ହୋଇଥିଲା। ଘରଦ୍ୱାର, ଗଛସବୁ ଭାଙ୍ଗିଯିବା ସହ ଚାରିଆଡେ ପଙ୍କୁଆ ମାଟି ମାଡି ଯାଇଥିଲା। ଗଛଲତା ଅଭାବରୁ ସେଠାରେ ଭୀଷଣ ଗରମ ବି ହେଲା। ଦିନେ ଯାଦବ ଦେଖିବାକୁ ପାଇଲେ ଯେ, ଅସହ୍ୟ ଗରମ ସହି ନ ପାରି କିଛି ସାପ ମରିପଡିଛନ୍ତି। ସେ ଚିନ୍ତା କଲେ, ଯଦି ଭୀଷଣ ଗରମ ଯୋଗୁ ସାପଙ୍କର ଏଭଳି ଅବସ୍ଥା ହେଉଛି ତା'ହେଲେ ଭବିଷ୍ୟତରେ ମଣିଷଙ୍କର କି ଅବସ୍ଥା ହେବ। ତା'ପରେ ସିଏ ଉକ୍ତ ଅଞ୍ଚଳରେ ବୃକ୍ଷରୋପଣ କରିବାର ଅଭିଯାନ ଆରମ୍ଭ କଲେ। କିଛିଦିନ ପରେ ସେଠାରେ ଫରେଷ୍ଟ ଡିପାର୍ଟମେଣ୍ଟ ତରଫରୁ ପ୍ରାୟ ୨୦୦ ହେକ୍ଟର ଅଞ୍ଚଳରେ ଗଛ ଲଗାଇବାର ପ୍ରୋଜେକ୍ଟ ଆରମ୍ଭ ହେଲା। ଯାଦବ ସେହି ପ୍ରୋଜେକ୍ଟରେ ଶ୍ରମିକ ଭାବେ କାମ କଲେ। ପ୍ରୋଜେକ୍ଟ କାମ ସରିଯିବାରୁ ସମସ୍ତେ ସେଠାରୁ ଚାଲିଗଲେ କିନ୍ତୁ ଯାଦବଙ୍କର ଗଛ ଲଗାଇବାର ଅଭିଯାନ ସେମିତି ଚାଲିଲା। ଶେଷରେ ସେ ଏହି କାର୍ଯ୍ୟରେ ସଫଳ ମଧ୍ୟ ହେଲେ। ଗଛ ଲଗାଇ ତା'ର ଉପଯୁକ୍ତ ଯତ୍ନ ନେବାରୁ ଉକ୍ତ ସ୍ଥାନରେ ଏକ ଜଙ୍ଗଲ ସୃଷ୍ଟି ହୋଇଗଲା। ଆସାମର ଜୋରହାଟ୍ ଜିଲା ଅନ୍ତର୍ଗତ କୋକିଳାମୁଖ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବ୍ରହ୍ମପୁତ୍ର ନଦୀପଠାକୁ ଲାଗି ପ୍ରାୟ ୫୫୦ ହେକ୍ଟର ଜମିରେ ଯାଦବଙ୍କ ଦ୍ୱାରା ଗଢି ଉଠିଥିବା ଏହି ଜଙ୍ଗଲକୁ ପରବର୍ତ୍ତୀ ସମୟରେ ଯାଦବଙ୍କ ନାମାନୁସାରେ 'ମୋଲାଇ ଜଙ୍ଗଲ' ଭାବେ ପରିଚିତି ମିଳିଲା। ଆଉ ଲୋକେ ତାଙ୍କୁ ସ୍ନେହରେ 'ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ' ବୋଲି ସମ୍ବୋଧନ କରିବାକୁ ଲାଗିଲେ। କେବଳ ସେତିକି ନୁହେଁ ୨୦୧୫ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ମଧ୍ୟ କରାଗଲା। ପରବର୍ତ୍ତୀ ସମୟରେ ଯାଦବଙ୍କ ଜୀବନଶୈଳୀକୁ ନେଇ ଅନେକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ କରାଗଲା।

**ମଣିପୁରର ଫରେଷ୍ଟ ମ୍ୟାନ:** ମଣିପୁରର ପଶ୍ଚିମ ଇମ୍ଫାଲ ଜିଲା ଅନ୍ତର୍ଗତ ଉରିପୋକ ନାମକ ଏକ ସ୍ଥାନର ବାସିନ୍ଦା ହେଲେ ମୋଇରଙ୍ଗଥେମ୍ ଲୋଇୟା। ଜଣେ ପ୍ରକୃତିପ୍ରେମୀ ଭାବେ ସେ ଖୁବ୍ ପରିଚିତ। ପିଲାଟି ଦିନରୁ ତାଙ୍କର ପ୍ରକୃତି ପ୍ରତି ଭଲ ପାଇବା ରହିଆସିଛି। କୌବ୍ରୁ ପାହାଡ଼ ହେଉଛି ମଣିପୁରର ଏକ ଲୋକପ୍ରିୟ ପାହାଡ଼। ପିଲାଦିନୁ ଏହି ପାହାଡ଼ର ଗଛଲତାକୁ ଦେଖିଦେଖି ସେ ବଡ଼ ହୋଇଥିଲେ। ଉଚ୍ଚଶିକ୍ଷା ନିମନ୍ତେ ସେ କିଛିଦିନ ଚେନ୍ନାଇ ଚାଲିଯାଇଥିଲେ। ପଢ଼ା ଶେଷକରି ସେ ଯେତେବେଳେ ନିଜ ଜନ୍ମ ସ୍ଥାନକୁ ଫେରିଥିଲେ, ସେତେବେଳକୁ କୌବ୍ରୁ ପାହାଡ଼ର ଅନେକ ଗଛ ବେଆଇନ ଭାବେ କଟା ସରିଥାଏ। ଦିନେ ଶସ୍ୟଶ୍ୟାମଳାରେ ଭରି ରହିଥିବା କୌବ୍ରୁ ପାହାଡର ଏପରି କରୁଣ ଦୃଶ୍ୟକୁ ଦେଖି ମୋଇରଙ୍ଗଥେମ୍ ଖୁବ୍ ବ୍ୟଥିତ ହୋଇପଡିଥିଲେ। ସେହି କ୍ଷଣି ହିଁ ସେ ନିଷ୍ପତ୍ତି ନେଲେ ନିଜ ପ୍ରକୃତି ମା'ର ପୂର୍ବ ସୌନ୍ଦର୍ଯ୍ୟକୁ ପୁଣିଥରେ ଫେରାଇ ଆଣି ତାକୁ ଶସ୍ୟଶ୍ୟାମଳାରେ ଭରିଦେବେ। ବାସ୍ ତା'ପରଠୁ ତାଙ୍କର ଅଭିଯାନ ଆରମ୍ଭ ହେଲା। 'ପୁଂଶିଲୋକ ମାରୁ' ହେଉଛି ସ୍ଥାନୀୟ ଏକ ଅଞ୍ଚଳ, ଯେଉଁଠାରେ ଝୁମ୍ ଚାଷ କରାଯାଇଥାଏ। ଏହି ଚାଷ ପାଇଁ ପ୍ରଥମେ ସେଠାରେ ଥିବା ଗଛଗୁଡ଼ିକୁ କାଟି ଦିଆଯାଇ ନିଆଁ ଲଗାଯାଏ। ତା'ପରେ ଏହି ଚାଷ କରାଯାଏ। ଖାସ୍ ଏହି କାରଣ ପାଇଁ ସ୍ଥାନୀୟ ଅଞ୍ଚଳରେ କୌଣସି ଗଛ ନ ଥିବାର ସେ ଦେଖିଲେ। ମୋଇରଙ୍ଗଥେମ୍ ସେଠାରେ ଝୁମ୍ପୁଡ଼ି କରି ପାଖାପାଖି ୬ ମାସ ରହି ଲୋକମାନଙ୍କୁ ବହୁତ ବୁଝାଶୁଝା କଲେ। ତା'ପରେ ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରି ଗଛ ଲଗାଇ ଚାଲିଲେ। ଧୀରେ ଧୀରେ ରାଜ୍ୟର ବନ ଅଧିକାରୀ ବି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ପାଖାପାଖି ୨୦ ବର୍ଷର କଠିନ ପରିଶ୍ରମ ପରେ ମୋଇରଙ୍ଗଥେମ୍ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିଲେ। କୌବ୍ରୁ ପାହାଡ଼ ସମେତ ଏହାର ଆଖପାଖ ଅଞ୍ଚଳକୁ ମିଶାଇ ପ୍ରାୟ ୩୦୦ ଏକର ଟାଙ୍ଗରା ଭୂଇଁରେ ୧୦୦ରୁ ଉର୍ଦ୍ଧ୍ୱ କିସମର ଗଛ ଲଗାଇ ଏକ ଜଙ୍ଗଲ ପରିବେଶ ସୃଷ୍ଟି କରିବାରେ ସେ ସଫଳତା ପାଇଲେ। ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ସଂସ୍ଥା ତରଫରୁ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିବା ସହ କେହି କେହି ତାଙ୍କୁ ସ୍ନେହରେ 'ମଣିପୁରର ଫରେଷ୍ଟ ମ୍ୟାନ' ବୋଲି ସମ୍ବୋଧନ କରିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ସେ ୱାଇଲ୍ଡ ଲାଇଫ୍ ଆଣ୍ଡ ହାବିଟାଟ୍ ପ୍ରୋଟେକ୍ସନ ସୋସାଇଟିର ପ୍ରତିଷ୍ଠା କରି ସେ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ ଜାରି ରଖିଲେ।

**ତାମିଲନାଡୁର ଫରେଷ୍ଟ ମ୍ୟାନ୍:** ତାମିଲନାଡୁର ପୋଥୁରାଇ ଗାଁରେ ରହିଛି 'ଅରଣ୍ୟ ଫରେଷ୍ଟ ଆଣ୍ଡ ସାଙ୍କ୍‌ଚୁରି', ଯାହାକି ବର୍ତ୍ତମାନ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା। କିନ୍ତୁ ଦିନେ ଏହି ସ୍ଥାନଟି ଟାଙ୍ଗରା ଭୂମି ଥିଲା। ଦୀର୍ଘ ୨୫ ବର୍ଷ କଠିନ ପରିଶ୍ରମ କରି ଯିଏ ଏହି ସ୍ଥାନକୁ ଭିନ୍ନ ଏକ ପରିଚୟ ଦେବାରେ ସଫଳ ହୋଇଛନ୍ତି, ସିଏ ହେଲେ ଡି. ସରଭନାନ୍। ଜଣେ ଲୋକପ୍ରିୟ ପରିବେଶବିତ୍ ଭାବେ ତାଙ୍କର ରହିଛି ଖୁବ୍ ଖ୍ୟାତି। ପିଲାଟିଦିନରୁ ସେ ଗଛ ଲଗାଇବାକୁ ଖୁବ୍ ଭଲ ପାଉଥିଲେ। କ୍ରମେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ଥରେ ସିଏ ଜୋସ୍ ବ୍ରୁକ୍ସ ନାମକ ଜଣେ ଅଷ୍ଟ୍ରେଲିଆର ବିଶିଷ୍ଟ ପରିବେଶବିତ୍‌ଙ୍କ ସଂସ୍ପର୍ଶରେ ଆସିଲେ। ଜୋସ୍ ସେହି ସମୟରେ ପୋଥୁରାଇ ଗାଁରେ ଥିବା ଟାଙ୍ଗରା ଭୂମିକୁ ଶସ୍ୟଶ୍ୟାମଳା କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିଲେ। ଡି. ସରଭନାନ୍ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଏବଂ ପ୍ରକୃତିକୁ ଖୁବ୍ ପାଉଥିବାରୁ ତାଙ୍କୁ ଜୋସ୍ ସମସ୍ତ ଦାୟିତ୍ୱ ଦେଇ ଫେରିଗଲେ। ବାସ୍ ତା'ପରଠୁ ଡି. ସରଭନାନ୍‌ଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ରହିଲା କେମିତି ସେହି ଅଞ୍ଚଳକୁ ଶସ୍ୟଶ୍ୟାମଳା କରିବେ। ଦୀର୍ଘ ୨୫ ବର୍ଷର ଅକ୍ଲାନ୍ତ ପରିଶ୍ରମ ପରେ ଡି. ସରଭନାନ୍ ପ୍ରାୟ ୧୦୦ ଏକରର ଟାଙ୍ଗରା ଭୂମିକୁ କେବଳ ଗଛଲତାରେ ଭରିଦେଲେ ତାହା ନୁହେଁ, ସେଠାରେ ସିଏ ଏକ ଛୋଟ ଅଭୟାରଣ୍ୟ କରିବାରେ ମଧ୍ୟ ସଫଳ ହେଲେ। ତାଙ୍କ ଦ୍ୱାରା










ଅନିଲ୍ ଓ ପାମେଲା ମାଲହୋତ୍ରା



ସ୍ତ୍ରୀ ଲେଲିଆଙ୍କ ସହ ସେବାଷ୍ଟିଆଓ ସାଲ୍‌ଗାଡୋ



ଭାସ୍କରନ୍ ଏବଂ କସ୍ତୁରୀ



ଡି. ସରଭନାନ

ସୃଷ୍ଟି ହୋଇଥିବା ଏହି ଅଭୟାରଣ୍ୟଟି ଏବେ 'ଅରଣ୍ୟ ଫରେଷ୍ଟ ଆଣ୍ଡ ସାଙ୍କ୍‌ଚୁରି' ନାମରେ ପରିଚିତ ; ଯେଉଁଠାରେ ପର୍ଯ୍ୟଟକ ପ୍ରାୟ ୯୦୦ କିସମର ବିରଳ ଗଛ, ୨୪୦ ପ୍ରଜାତିର ପକ୍ଷୀ, ୫୪ ପ୍ରଜାତିର ପ୍ରଜାପତି, ୨୦ ପ୍ରଜାତିର ସାପ ତଥା ଅନ୍ୟାନ୍ୟ ବିରଳ ପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ। ଡି. ସରଭନାନ୍‌ଙ୍କ ଏଭଳି ନିଆରା ପ୍ରୟାସ ପାଇଁ ତାଙ୍କୁ ଅନେକେ 'ତାମିଲନାଡୁର ଫରେଷ୍ଟ ମ୍ୟାନ୍' ବୋଲି ବି ସମ୍ବୋଧନ କରିଥାନ୍ତି।

## ଡାଙ୍ଗରା ଭୂମିକୁ ଶସ୍ୟଶ୍ୟାମଳା କଲେ ଦମ୍ପତି

ଭାସ୍କରନ୍ ଏବଂ କସ୍ତୁରୀ ହେଉଛନ୍ତି ସମ୍ପର୍କରେ ସ୍ୱାମୀସ୍ତ୍ରୀ। ସରକାରୀ ଚାକିରିରୁ ଅବସର ନେବା ପରେ ସେମାନେ ତାମିଲନାଡୁସ୍ଥିତ କୁଡ୍ଡଲୋର ଜିଲାରେ ଥିବା କସ୍ତୁରୀଙ୍କ ଗାଁକୁ ଯାଇ ସେଠାରେ ରହିବାକୁ ଲାଗିଲେ। କାରଣ କସ୍ତୁରୀଙ୍କ ବାପଘର ଲୋକେ କସ୍ତୁରୀଙ୍କ ନାଁରେ ସେଠି ପ୍ରାୟ ୭୫ ଏକର ଜମି ଲେଖି ଦେଇଥିଲେ। ସେଥିପାଇଁ ସ୍ୱାମୀସ୍ତ୍ରୀ ଦୁହେଁ ଚିନ୍ତା କଲେ ସେଠାରେ କିଛି ଗଛ, ପନିପରିବା ଲଗାଇ ତା'ର ଯତ୍ନ ନେଇ ନିଜର ବାକି ତକ ସମୟ କଟାଇଦେବେ। ହେଲେ ସେମାନେ ଯେତେବେଳେ ଗଛ ଲଗାଇବା ପାଇଁ ଜମି ଖୋଳିବାକୁ ଗଲେ ସେଠାରୁ ଖାଲି ପଥର ବାହାରିଲା। ନା ସେଠି ମାଟିର ସୁବିଧା ଥିଲା ନା ପାଣିର। ଏପରିକି ସେହି ସ୍ଥାନରେ ଶ୍ରମିକ ଭାବେ କାମ କରିବାକୁ ମଧ୍ୟ କେହି ରାଜି ହେଲେ ନାହିଁ। ଶେଷରେ ବାଧ୍ୟ ହୋଇ ସ୍ୱାମୀସ୍ତ୍ରୀ ଦୁହେଁ ଖୋଳାଖୋଳି କରି ବାହାରୁ ମାଟି ଆଣି ସେଠାରେ ପକାଇ ଗଛ ଲଗାଇଲେ। କିନ୍ତୁ ଅଳ୍ପ ଦିନରେ ସେସବୁ ଗଛ ମରିଯାଉଥିଲା। ଦିନେ ସେମାନେ ଖବର ପାଇଲେ ଯେ, ଇଶା ଫାଉଣ୍ଡେସନ୍ ନାମକ ଏକ ସଂସ୍ଥା ସ୍ଥାନୀୟ ଅଞ୍ଚଳରେ ଏକ ନର୍ସରି ଖୋଲିବାକୁ ଯାଉଛି। ଦମ୍ପତି ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିବାରୁ ସେମାନେ ଅନେକ ଟିପ୍ସ ଦେବା ସହ ଗଛ ଲଗାଇ ତାକୁ ବଞ୍ଚାଇବା ଲାଗି ଦମ୍ପତିଙ୍କୁ ଅନେକ ସହଯୋଗ ମଧ୍ୟ କଲେ। ଫଳରେ ଖୁବ୍ କମ୍ ଦିନରେ ଏହି ଦମ୍ପତି ସେଇ ଟାଙ୍ଗରା ଭୂମିକୁ ସବୁଜିମାରେ ଭରିଦେଲେ।

## ଟାଙ୍ଗରା ଭୂମିକୁ ଶସ୍ୟଶ୍ୟାମଳା କଲେ ବ୍ରାଜିଲ ଦମ୍ପତି

ବ୍ରାଜିଲର ଲୋକପ୍ରିୟ ଫଟୋଗ୍ରାଫର୍ ହେଲେ ସେବାଷ୍ଟିଆଓ ସାଲ୍‌ଗାଡୋ। ସ୍ଥାନୀୟ ମିନାସ୍ ଜେରାଇସ୍‌ରେ ତାଙ୍କ ଘର। ପିଲାଟିଦିନରୁ ସେ ଦେଖି ଆସୁଥିଲେ ତାଙ୍କର ଆଖପାଖ ଅଞ୍ଚଳ ସବୁ ଗଛଲତା, ଫୁଲଫଳରେ ଭରି ହୋଇ ରହିଥିଲା। ଯୁଆଡ଼େ ଚାହିଁବ ସବୁଜ ବନାନୀ। ଫଟୋଗ୍ରାଫିରେ କ୍ୟାରିୟର୍ କରିବା ପରେ ତାଙ୍କୁ ଘରଛାଡ଼ି ବାହାରକୁ ଯିବାକୁ ପଡିଲା। ସାଙ୍ଗରେ ସେ ସ୍ତ୍ରୀ ଲେଲିଆଙ୍କୁ ମଧ୍ୟ ନେଇ ଯାଇଥିଲେ। କିଛି ବର୍ଷ ବାହାରେ ରହିବା ପରେ ସେ ଯେତେବେଳେ ନିଜ ଜନ୍ମଭୂମିକୁ ଫେରିଥିଲେ, ସେତେବେଳେ ତାଙ୍କ ଅଞ୍ଚଳ ଟାଙ୍ଗରା ଭୂମିରେ ପରିଣତ ହୋଇସାରିଥିଲା। ମୁଖ୍ୟ କାରଣ ଥିଲା ଗଛକାଟି ଜଙ୍ଗଲକୁ ନଷ୍ଟ କରିବା। ତା'ପରେ ସିଏ ନିଷ୍ପତ୍ତି ନେଲେ ତାଙ୍କ ଜନ୍ମମାଟିର ସୌନ୍ଦର୍ଯ୍ୟକୁ ପୁଣି ଫେରାଇ ଆଣିବେ। ଏ କାମରେ ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କୁ ଅନେକ ସହଯୋଗ କଲେ। ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ସେ ପ୍ରାୟ ୪ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଗଛ ଲଗାଇ ନିଜ ଅଞ୍ଚଳକୁ ପୁଣିଥରେ ସବୁଜିମାରେ ଭରିଦେଲେ। ଏବେ ସେହି ଅଞ୍ଚଳରେ ପ୍ରାୟ ଶତାଧିକ ପ୍ରଜାତିର ପକ୍ଷୀ, ପ୍ରାୟ ୩୩ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୫ ପ୍ରଜାତିର ସରୀସୃପ, ୧୫ ପ୍ରଜାତିର ଉଭୟଚର ପ୍ରାଣୀ ତଥା ପ୍ରାୟ ୨୯୩ କିସମର ବୃକ୍ଷଲତା ଦେଖିବାକୁ ମିଳୁଛି।

## ଗଛ ଲଗାଇ ଅଭୟାରଣ୍ୟ ସୃଷ୍ଟି କଲେ ଦମ୍ପତି

ଅନିଲ୍ ମାଲହୋତ୍ରା ଓ ପାମେଲା ମାଲହୋତ୍ରା ହେଲେ ଏନ୍‌ଆର୍‌ଆଇ ଦମ୍ପତି। ଉଭୟ ଗଛଲତା, ପଶୁପକ୍ଷୀଙ୍କୁ ଖୁବ୍ ଭଲ ପାଆନ୍ତି। ସେମାନଙ୍କର ଗୋଟିଏ ଲକ୍ଷ୍ୟ ଥିଲା କେଉଁଠି ଏକ ଜାଗା କିଣି ତାକୁ ସବୁଜିମାରେ ଭରି ପ୍ରକୃତିର କୋଳରେ ଶାନ୍ତିରେ ବାସ କରିବେ। ଏମିତିରେ ସେମାନଙ୍କ ନଜରକୁ ଆସିଥିଲା କର୍ନାଟକର କୋଡାଗୁ ଜିଲା ଅନ୍ତର୍ଗତ ୫୫ ଏକରର ଏକ ସ୍ଥାନ ; ଯାହା ସେତେବେଳେ ସ୍ଥାନୀୟ ଲୋକଙ୍କର କୌଣସି କାମରେ ଆସୁ ନ ଥିଲା। ସେହି ସ୍ଥାନରେ ଖୁବ୍ ବର୍ଷା ହେଉଥିବାରୁ ଚାଷବାସ କରିବା ବି ସେଠାରେ ସମ୍ଭବ ନ ଥିଲା। ଏହା ଜାଣିବା ପରେ ଉକ୍ତ ଦମ୍ପତି ସେ ସ୍ଥାନକୁ କିଣି ନେଇଥିଲେ। ପ୍ରବଳ ବର୍ଷା ହେଉଥିବାରୁ ସେଠାରେ ଚାଷ ସିନା ହୋଇପାରିବ ନାହିଁ ହେଲେ ସେଠାରେ ବର୍ଷାରଣ୍ୟ ତ ସୃଷ୍ଟି କରିହେବ। ବାସ୍ ସେହି ଲକ୍ଷ୍ୟ ରଖି ସେମାନେ ସେଠାରେ ଅଧିକରୁ ଅଧିକ ଗଛ ଲଗାଇଲେ। ମାତ୍ର ୫୫ ଏକରରୁ ଆରମ୍ଭ ହୋଇଥିବା ଏହି ଅଭିଯାନ କ୍ରମେ ବଢି ବଢି ଆଖପାଖର ପ୍ରାୟ ୩୦୦ ଏକରର ଅଞ୍ଚଳକୁ ମଧ୍ୟ ଘଞ୍ଚ ଜଙ୍ଗଲରେ ପରିଣତ କରିଦେଲା। ତା'ସହିତ ଦମ୍ପତିଙ୍କ ପ୍ରଚେଷ୍ଟାରେ ସେଠାରେ ଏକ ଅଭୟାରଣ୍ୟ ମଧ୍ୟ ସୃଷ୍ଟି ହୋଇଗଲା।

ସତରେ ପ୍ରକୃତି ପ୍ରତି ଥିବା ଏହି ବ୍ୟକ୍ତିମାନଙ୍କ ଅବଦାନ ଖୁବ୍ ସ୍ୱାଗତଯୋଗ୍ୟ। ଯଦି ଅନ୍ୟମାନେ ବି ଏମାନଙ୍କ ପରି ପ୍ରକୃତି କଥା ଟିକେ ଚିନ୍ତା କରନ୍ତେ, ତା'ହେଲେ ଆମ ପୃଥିବୀ ସବୁଜିମାରେ ଭରି ଯାଆନ୍ତା ଆଉ ତା'ର ପୂର୍ବ ସୌନ୍ଦର୍ଯ୍ୟ ପୁଣିଥରେ ଫେରିପାଆନ୍ତା।

–ଅନ୍ୱିତା ମିଶ୍ର



ଯାଦବ ପାୟେଙ୍ଗ



ମୋଇରଙ୍ଗଥେମ୍ ଲୋଇୟା



# କାନ୍‌ଭାସ୍‌ରେ ଉତାରେ ପ୍ରକୃତିର ରୂପ

ଯେତେବେଳେ କିଛି ଘଟଣା ତାଙ୍କ ମନକୁ ଛୁଇଁଯାଏ, ତା'ର ଭାବାବେଗକୁ ହୃଦୟଙ୍ଗମ କରି ତାକୁ ସେ ଚିତ୍ରକଳାର ରୂପ ଦିଅନ୍ତି। ତାଙ୍କ ଚିତ୍ରକଳାରେ ବିଶେଷକରି ପ୍ରକୃତି ଓ ତା'ର ରହସ୍ୟମୟୀ ସୌନ୍ଦର୍ଯ୍ୟ ସ୍ଥାନ ପାଇଥାଏ। ଜୀବନ୍ତ ତାଙ୍କ ତୂଳୀରେ ଅଙ୍କିତ ପ୍ରତିଟି ଚିତ୍ର। ସେଇଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ମାନ। ସେ ହେଲେ ଶିଳ୍ପୀ **ପ୍ରବୀର ଦଳେଇ,** ଜନ୍ମ-୧୯୭୦ରେ। ପିତା ସରୋଜକାନ୍ତ ଦଳେଇ, ମାତା ମାଳତିଲତା ଦଳେଇ। ଘର ବାଲେଶ୍ୱର ଜିଲାର ବସ୍ତା ବ୍ଲକ ଅନ୍ତର୍ଗତ ଶିଂଲା ଗାଁ। ସେ କୁହନ୍ତି, 'ମୋ ବାପା ଜଣେ ଶିକ୍ଷକ ତଥା ସୌଖୀନ କଳାକାର। ଆମ ଘରେ ବାପାଙ୍କର ଏକ ଅଘୋଷିତ ଚିତ୍ରଶାଳା ରହିଥିଲା। ବିଭିନ୍ନ ରଙ୍ଗ, ପ୍ୟାଲେଟ, ବ୍ରଶ୍ ଓ ଖେଳଣା ସେଠି ରହୁଥିଲା। ସେ ନାନା ପ୍ରକାର ଚିତ୍ର ତ କରୁଥିଲେ ତା'ସହ ଗାଁ ଥିଏଟର ପାଇଁ ନାଟକ ଲେଖୁଥିଲେ, ଯାତ୍ରାମଞ୍ଚ ଲାଗି କ୍ରାଫ୍ଟ, ସିନ୍ ସିନେରି ଆଦି ସାଜସଜ୍ଜା ତିଆରି ବି କରୁଥିଲେ। ପୁଣି ମୁହଁରେ ରଙ୍ଗ ମାଖି ନାଟକରେ ଅଭିନୟ ମଧ୍ୟ କରୁଥିଲେ। ଆଉ ମୋ ମା' ଥିଲେ ଜଣେ ଏମ୍ବ୍ରୋଏଡରି ଶିଳ୍ପୀ। ସତେଯେମିତି ଆମ ଘର ଓ ଗାଁରେ ସାଂସ୍କୃତିକ ପରିବେଶ ସର୍ବଦା ଚଳଚଞ୍ଚଳ ରହୁଥିଲା। ଏ ସବୁ ଭିତରେ ମୋର ବି ସୃଜନଶୀଳତାର ସତ୍ତା ଉଦ୍‌ଜାଗର ହୋଇଥିଲା। ପିଲାଦିନେ ପ୍ରକୃତିର ସୌନ୍ଦର୍ଯ୍ୟ ଓ ପତ୍ରପତ୍ରିକାରେ ଛବି ଦେଖି ଚିତ୍ର ଆଙ୍କିବା ଆରମ୍ଭ କରିଥିଲି। ତା'ସହ ସ୍କୁଲ ଓ କଲେଜ ପଢା ବି ଚାଲିଥାଏ। ପରେ ଭୁବନେଶ୍ୱର ଆସି ମୁଁ ବିଭୂତି କାନୁନ୍‌ଗୋ କଳା ମହାବିଦ୍ୟାଳୟରେ ଚିତ୍ରକଳା ଉପରେ ତାଲିମ ନେଲି। ୧୯୯୩ରେ ସ୍ନାତକ ସାରିଲି। ଚିତ୍ରକଳାରେ ଅଧିକ ତାଲିମ ପାଇଁ ୧୯୯୭ରେ ମଧ୍ୟପ୍ରଦେଶର ଖଇରାଗଡ଼ସ୍ଥ ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରୁ କ୍ରିଏଟିଭ୍ ପେଣ୍ଟିଂରେ ସ୍ନାତକୋତ୍ତର ସାରିଲି। ସେତେବେଳେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମହାନ୍ ଚିତ୍ରକରଙ୍କ ପ୍ରଗତିଶୀଳ ଚିତ୍ରଧାରା ମତେ ଆକର୍ଷିତ କରୁଥିଲା। ଆଉ ସେଇ ଧାରାଦ୍ୱାରା ମୁଁ ଅନୁପ୍ରାଣିତ ବି ହୋଇଥିଲି। ଓଡ଼ିଶା ଫେରିଲାପରେ ଭୁବନେଶ୍ୱରସ୍ଥ ଧଉଳି କଳା ଓ ଚାରୁକଳା ମହାବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ୧୯୯୭ରୁ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରି ଅଦ୍ୟାବଧି ଅଧ୍ୟାପନାରତ ଅଛି। ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଉଲ୍ଲେଖନୀୟ ଚିତ୍ରକଳା ପ୍ରଦର୍ଶନୀ ଓ କଳା ଶିବିର, କର୍ମଶାଳା ତଥା ଆଲୋଚନାଚକ୍ରରେ ଭାଗନେଇ ଚିତ୍ର ସର୍ଜନାର ପ୍ରକୃତି, ପରିସର ଓ ଉତ୍ସକୁ ବୁଝିବାକୁ ଚେଷ୍ଟା କରିଥାଏ। ପ୍ରମୁଖ ଚିତ୍ର ଶିବିରଗୁଡ଼ିକ ମଧ୍ୟରେ ରାଜ୍ୟ ଲଳିତକଳା ଏକାଡେମୀ, ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ, ରାଜଭବନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ବିଭିନ୍ନ ଜାତୀୟ ତଥା ରାଜ୍ୟସ୍ତରୀୟ ଶିବିର ଅନ୍ୟତମ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କଳା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଚିତ୍ର ଶିବିର ଓ ପ୍ରଦର୍ଶନୀ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, ଭୋପାଳ, ରାଞ୍ଚି, କୋଲକାତା, ଗୁଆହାଟୀ, ଜୟପୁର ଆଦି ସହରରେ ବହୁବାର ଭାଗନେବାର ସୁଯୋଗ ପାଇଛି। ମୁଁ ମୁଖ୍ୟତଃ ପ୍ରକୃତିର ଗତିମୟତା ଓ ଅମୂର୍ତ୍ତତାକୁ ପାଥେୟ କରି ଅନେକ ଶୀର୍ଷକବିହୀନ ଚିତ୍ରର ସିରିଜ୍ ନିର୍ମାଣ କରିଛି। ପ୍ରକୃତିର ରହସ୍ୟମୟ ରୂପ ଭିତରେ ଲୁଚିଥିବା କାବ୍ୟିକ ତଥା ବର୍ଣ୍ଣିଳ ପରିବେଶକୁ ମୁଁ ମୋ କାନ୍‌ଭାସ୍ ଉପରେ ସ୍ଥାନ ଦେବାକୁ ସର୍ବଦା ପ୍ରୟାସ କରିଥାଏ। ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ପରଠାରୁ ଅଦ୍ୟାବଧି ଶତାଧିକ ଚିତ୍ର ତିଆରି କରିସାରିଛି। ଚିତ୍ରକଳା ପାଇଁ ଅନେକ ଘରୋଇ ଓ ସରକାରୀ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛି। ରାଜ୍ୟସ୍ତରୀୟ ପୁରସ୍କାର ସହ ସର୍ବଭାରତୀୟ ଫାଇନ୍ ଆର୍ଟ ଓ କ୍ରାଫ୍ଟ ସୋସାଇଟି ଦ୍ୱାରା ବି ପୁରସ୍କାର ମିଳିଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟରୁ ଚିତ୍ରକଳା ପାଇଁ ଫେଲୋଶିପ୍ ପାଇବା ଓ କେନ୍ଦ୍ର ଲଳିତକଳା ଏକାଡେମୀ, ନୂଆଦିଲ୍ଲୀରୁ ସ୍କଲାରଶିପ୍ ପାଇବା ମୋ ଚିତ୍ରକଳା ଅଭ୍ୟାସର ଧାରାକୁ ଅଧିକ ଗତିଶୀଳ କରିପାରିଛି। ଏହାବାଦ୍ ଓଡ଼ିଶା ତଥା ଭାରତର ସମସାମୟିକ କଳାର ଧାରା ଏବଂ କଳା ଓ ସୌନ୍ଦର୍ଯ୍ୟ ପ୍ରତି ମୋର ଦୃଷ୍ଟିଭଙ୍ଗୀ ମୋର ଏକାଧିକ ଗବେଷଣାତ୍ମକ ନିବନ୍ଧ ରଚନାକୁ ଯୁଗୋପଯୋଗୀ କରିବାରେ ସାହାଯ୍ୟ କରିଛି। ମୁଁ ମୋର ସହଜ ସରଳ ଓ ସୁକୁମାର ଚିତ୍ର ଧାରଣାକୁ ଭିଡ଼ ଭିତରୁ ଅଲଗା କରି ଦେଖେଇବା ପାଇଁ ନିଜକୁ ଅନ୍ୟଠୁ ଦୂରେଇ ରଖେ ଓ ସୂକ୍ଷ୍ମ ତଥା ଅଣପାରମ୍ପରିକ କାରୁକାର୍ଯ୍ୟକୁ ଆୟତ୍ତ କରି ଉଚିତ ସମୟରେ ତାକୁ ପ୍ରୟୋଗ କରି ଚିତ୍ରଟିଏ ଆଙ୍କିଥାଏ। କେବେ ଫବିଷ୍ଟମାନଙ୍କ ଉନ୍ମତ୍ତ ଓ ସ୍ୱଚ୍ଛନ୍ଦ ବର୍ଣ୍ଣବିନ୍ୟାସ ତ କେବେ ବର୍ଣ୍ଣ ପ୍ରୟୋଗରେ ଅଭିବ୍ୟଞ୍ଜନାବାଦୀ ଓ ନୈରୂପ୍ୟବାଦୀଙ୍କ ଶୁଦ୍ଧତା ତଥା ଆଧ୍ୟାତ୍ମିକତା ଆଦିର ସମନ୍ୱୟରେ ମୋ ଚିତ୍ରରେ ଆସେ ଏକ ନିରୋଳାପଣ ଓ ଏକ ଇନ୍ଦ୍ରିୟାତୀତ ବିଶୁଦ୍ଧ ସାଙ୍ଗିତିକତା, ଯାହା ଏକ ସୁଦୃଶ୍ୟ ଐକତାନକୁ ଗୋପନରେ ଆୟୋଜନ କଲାବେଳେ ତା'ର ଉତ୍ସରେ ଉଦ୍‌ଘାଟିତ ହୁଏ ପ୍ରକୃତିର ଅନ୍ତରାଳରେ ଏକ ଅନିର୍ବଚନୀୟ ତଥା ଗତିମାନ ସଙ୍ଗୋପିତ ସଙ୍ଗୀତ ଓ ଛନ୍ଦର କୁହୁକ। ଯେଉଁଠି ରଙ୍ଗ ହିଁ ଚିତ୍ରର ମୂଳକଥା, ତା'ର ପ୍ରାଣ ଓ ଜୀବନ ନାଟିକା। କେବେ ସିଏ ନୀରବ ଗମ୍ଭୀର ତ କେବେ ପୁଣି ଉତ୍ସବମୁଖର। ରଙ୍ଗରେ ହିଁ ଜୀବନ ଓ ପ୍ରକୃତି ଭିତରେ ଏକ କଳାତ୍ମକ ଭାବ ସୃଷ୍ଟି କରିବାକୁ ଯାଇ ଅବ୍ୟକ୍ତ ଓ ବ୍ୟକ୍ତ ମଧ୍ୟରେ ଆବଶ୍ୟକ ସମ୍ବନ୍ଧର ସେତୁଟିଏ ଗଢ଼ିବାକୁ ଗଲାବେଳେ ଚିତ୍ର ଏକ ଛନ୍ଦାୟିତ ବର୍ଣ୍ଣିଳ ଅଭିବ୍ୟକ୍ତିରେ ରୂପାନ୍ତରିତ ହୋଇଯାଉଥାଏ, ଯାହା ପ୍ରତିଟି ନୈରୂପ୍ୟବାଦୀର ଭାଗ୍ୟରେ ହିଁ ଘଟିଥାଏ।

**-ବନବିହାରୀ ବେହେରା**














# ସୁନା ପଞ୍ଜୁରୀ

**-ତପସ୍ୱିନୀ ଦାଶ ଷଡ଼ଙ୍ଗୀ**

ସବୁ ଦିନ ପରି ସକାଳୁ ସକାଳୁ ସଞ୍ଜୁ ଜଲ୍‌ଦି ଉଠି ଘର ପାଇଟି ସାରିଦେଲା । ଶାଶୁ ଶ୍ୱଶୁରଙ୍କ ପାଇଁ ରାତି ଯାଏ ରୋଷେଇ କରି ସଜେଇ ରଖିଦେଲା । ଅତନୁଙ୍କ ପାଇଁ ଟିଫିନ୍ ସଜାଡ଼ିଲା ବେଳେ ତା' ଭିତରେ ପ୍ରତ୍ୟୟଟେ ତିଆରି ହେଲା ଯେ, ସେ ଏବେ ଘର ଆଡ଼େ ଯାଇକି ଆସିପାରିବ। ରାତି ପାହିଲେ ବାପାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ । ରଞ୍ଜନ କହିଥିଲା ନାନୀ ଦୁଇ ତିନିଦିନ ଆଗରୁ ଟିକିଏ ଆସିଯିବୁ। ଏକା ସହରରେ ତ ଟିକେ ସାହାଯ୍ୟ ହୋଇଯିବ।
-କ'ଣ ତୁମକୁ ସ୍ୱପ୍ନାଦେଶ ହେଇଥିଲା କି ସକାଳ ଆଠ ଭିତରେ ସବୁ ରୋଷେଇ ସାରିଦେବାକୁ ନା ପଞ୍ଜିକାରେ ଲେଖା ହୋଇଥିଲା ? ଛିଗୁଲେଇଲେ ଅତନୁ ସବୁ କାମକୁ ଏତେ ଶୀଘ୍ର ଏବଂ ନିର୍ଭୁଲ ଭାବରେ ତାଙ୍କ ପତ୍ନୀ ସାରିଦେଇଥିବାର ଦେଖି କହିଲେ।
-କାଲି ପରା ବାପାଙ୍କ ଶ୍ରାଦ୍ଧ। ତୁମକୁ ରଞ୍ଜନ କେତେ କରି କହିଥିଲା ପରା ମୋତେ ଆଗରୁ ପଠେଇବା ପାଇଁ। ଭୁଲିଗଲ ? ଆଖିରେ ଲୁହ ଟଳମଳ ତା'ର। ସବୁଥର ଭଳି ସେ ଅତନୁଙ୍କ ଆଖିରୁ ଖସେଇ ନେଲା ନିଜ ଆଖି।
-ସେ କହିଲା ବୋଲି କ'ଣ ତୁମେ ଯିବ ନା କ'ଣ ? ଆଜି ପରା ଗୀତା ନାନୀ ଆଉ ଭାଇନା ଆସିବେ। ଏତେ ଦିନ ପରେ ଘରକୁ ଝିଅ ଜ୍ୱାଇଁ ଆସିବେ ଆଉ ତୁମେ ନ ଥିବ ଇଏ କେମିତି କଥା ? ସଞ୍ଜୁ କିଛି କହିବା ଆଗରୁ ସେପଟୁ ଶାଶୁ କହିଲେ, ସଞ୍ଜୁ ତୋ ହାତ ରନ୍ଧା ଛତୁ ବେସର ଆଉ ପୋଡ଼ପିଠା ସେ ଦୁହିଁଙ୍କୁ ଭଲ ଲାଗେ । କାଲିଠାରୁ ରଜ ଆରମ୍ଭ । ତୁ ଗୋଟେ କାମ କର ଏବେ ବିରିଚାଉଳ ବଟୁରେଇକି ସନ୍ଧ୍ୟାରେ ପିଠା କରି ଦେ। କାଲି ତୁ ତୋ' ବାପାଙ୍କ ଶ୍ରାଦ୍ଧକୁ ସକାଳୁ ବାହାରିଯିବୁ। ଦେଖେ ମୋ କଥା କହିଲି ତା'ପରେ ତୋ ଇଚ୍ଛା ଯାହା । ଏମିତି ହିଁ ଘଟେ ସେ ଉତ୍ସବ ହେଉ କି ଦୁର୍ଘଟଣା । ସେ କେବଳ ଦେଖିବ, ଶୁଣିବ ଏବଂ ମେଶିନ ଭଳି କରିଯିବ। ନଣନ୍ଦ ନଣନ୍ଦେଇ ରହିବେ ଚାରି ପାଞ୍ଚ ଦିନ । ଦିନକ ପରେ ଆସି ଚକୁଳି କ'ଣ କାକରା, ଆରିସା ବି ସେ କରିପାରିବ। ସାନ ଭାଇଟା । ମୁରବି ହରେଇ ପ୍ରଥମ କରି ଘର ସମ୍ଭାଳୁଚି ଆଖିରେ ପାଣି ଗରାଏ ଧରି । ନାନୀକୁ ପିଲାବେଳୁ ଖୁବ୍ ମାନି ଆସିଛି ବାପା ପରେ ପରେ । ସାହାଯ୍ୟ କରିବାକୁ କିଏ ଅଛି ସଞ୍ଜୁ ବିନା । ଅତନୁ ଅଫିସ କାମରେ । ତେବେ ? କିଛି କହିପାରିଲାନି ସେ । ଲୁହ ସହିତ ବିରି ଚାଉଳ ବଟୁରେଇକି ଶୋଇବା ଘର ଖଟ ଉପରେ ମୋବାଇଲରେ ବାହାଘର ସମୟରେ ଝିଅ ବିଦା ଫଟୋକୁ ଧରି ବହେ କାନ୍ଦିଲା। ବଡ଼ ଘର ବଡ଼ ଚାକିରିଆ ରାଜାପୁଅ ଭଳି ଅତନୁକୁ ବାହା ଦେଇ ବାପା କେଡ଼େ ଖୁସି ଥିଲେ ସତେ ! ବାପାଙ୍କ ଖୁସି ଦେଖି ସେ କେଉଁ କହିପାରିଲା ଯେ, ସେ ବାନ୍ଧି ହୋଇଛି ଗୋଟେ ଦାମିକା କାଚଫ୍ରେମ୍‌ରେ ।
-ଭାଉଜ..ଭାଉଜ । ଏଠି କ'ଣ କରୁଚ ? ଫଟୋ ? ? ଦେଖି ଦେଖି ...ହଠାତ୍ ଘର ଭିତରକୁ ପଶି ଆସି ନଣନ୍ଦ ଗୀତା ଛଡ଼େଇ ନେଲା ତା' ହାତରୁ ଆଲବମ୍ । ଲୁହ ପୋଛିବାକୁ ସମୟ ପାଇଲାନି ସଞ୍ଜୁ ।
-ମନ ଦୁଃଖ କାହିଁକି ମୋ ସୁନା ଭାଉଜ ? ବାପା ମନେ ପଡୁଛନ୍ତି ? ? ବାପାଙ୍କ ଶ୍ରାଦ୍ଧ ପରା କାଲି ? ? ଏ ଯାଏଁ କେମିତି ଯାଇନ। ସନ୍ଧ୍ୟାରେ ଯିବ କି ? ସେପଟୁ ଶାଶୁଙ୍କ ଉତ୍ତର ..ଆଲୋ ତୁମେମାନେ ଆସିବ ତ ସେଥିପାଇଁ ରହିଛି। ସେ କାଲି ସକାଳେ ଯାଇ ସନ୍ଧ୍ୟାରେ ଫେରି ଆସିବ। ବୋଉ..ଭାଉଜଙ୍କ ସ୍ଥାନରେ ମୋତେ ରଖି ଭାବେ ତ ଥରେ। ଝିଅଟିଏ ବାହା ହେଲା ପରେ ତା' ବାପା ମାଆଙ୍କ ଉପରୁ ସବୁ ଅଧିକାର ସରିଯାଏ ବୋଲି ତୁ କହିବୁ ? ଆମେ ଅଛୁ ପାଞ୍ଚ ଦିନ। ଭାଉଜ ଦୁଇ ତିନି ଦିନ ରହି ଆସନ୍ତୁ। ସେଯାଏ ମୁଁ ଅଛି ତୋ ଘର କାମ ପାଇଁ। ଚୁପ୍ ଥିଲେ ଶାଶୁ। ନିର୍ବାକ ସଞ୍ଜୁ। ଗୀତା ହାତରେ ଥିବା ଆଲବମ୍‌ରେ ବାପା ଧରିଥିଲେ ସଞ୍ଜୁକୁ।

– ବେଙ୍ଗାଲୁରୁ
ମୋ: ୮୪୩୧୩୦୯୩୦୪

## ଆମନ୍ତ୍ରଣ

**-ସୁକାନ୍ତି ନନ୍ଦ**

ଏବେ ଆଉ ସହଜ ନୁହେଁ
କବିତାକୁ ସଜେଇ ମଜେଇ
ଆମନ୍ତ୍ରଣର ଉତ୍ସବ ମନେଇବା ।

ଦୂରେଇ ଯାଇଛି କି
ନୀଳରଙ୍ଗି ଆକାଶ
ଲୁଚି ଯାଇଛି କି
ବାଦଲର ପଟୁଆର
ତେବେ କାହାକୁ ନେଇ ମନେଇବା
ଉତ୍ସବ କବିତାର !!

ଉଡ଼ନ୍ତା ମାଛିଙ୍କ କଦର୍ଯ୍ୟ ଗୁଣୁଗୁଣୁ
ଫିକା ଫିକା ଅକ୍ଷରରୁ ଶବ୍ଦ
ଅଚଳ ଆବେଗକୁ ନେଇ
ସଜେଇବା ଆସ କବିତାରୁ ଜୀବନ !

-ଗୁଡ଼ିଆ ସାହି , ପୁରୀ
ମୋ:୬୩୭୧ ୭୬୦ ୧୭୬

## ଆଜି କାଲି

**-ଅନୁରାଧା ମିଶ୍ର**

ଆଜିକାଲି ମହରଗ ଭାରି
ଏକ ନିରୁତା ମନ
ଆଜିକାଲି ମଲାଗଛ ଲାଗେ
ଦେଖ ଆପଣା ଜନ।
ଆଜିକାଲି ନଈର ବାଲିରେ
ହସେ ମୁକୁଳା ଶୋଷ
ଆଜିକାଲି ଆକାଶ ଓଠରେ
ମାଖିଛି ନୀଳ ବିଷ।
ଆଜିକାଲି ମାୟାର ରାଜୁତି
ହାରେ ହୃଦୟ ସଖୀ
ଆଜିକାଲି ନିଦ କିଣା ହୁଏ
ସୁନା ସପନ ବିକି !!!!

-ସପନପୁର, ଦେବୀଦ୍ୱାର,
ଯାଜପୁର
ମୋ:୭୦୦୮ ୧୩୩୧୭୪



# ଏବେ ବି ବିଶ୍ୱାସ ହେଉନି


କ୍ରିତି

କ୍ରିତି ସାନନ୍ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ କ୍ୟାମେରା ସାମନା କରିସାରିଥିଲେ। ଅର୍ଥାତ୍ ତାଙ୍କର ବଡ ପରଦା ଜୀବନ ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମରୁ। ତାହାର ଟାଇଟଲ ଥିଲା 'ନିନୋକାଡିନି'। ୨୦୧୪ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ ସୁପରଷ୍ଟାର ମହେଶ ବାବୁ। ଏ ସମ୍ପର୍କରେ କ୍ରିତି କହନ୍ତି, 'ମୋର ଆକ୍ଟିଂ ଡେବ୍ୟୁ ହୋଇଥିଲା ତେଲୁଗୁ ଫିଲ୍ମରୁ, ଯେଉଁଥିରେ ମୋତେ ମହେଶ ବାବୁଙ୍କ ପରି ନାମୀ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳିଥିଲା। ଆଉ ସେହି ଫିଲ୍ମର ଶୁଟିଂ ମୁହୂର୍ତ୍ତ ମୋର ସବୁଦିନ ପାଇଁ ମନେ ରହିବ। ତାଙ୍କ ସହ ଯେ ମୋତେ ଡେବ୍ୟୁ କରିବାର ସୁଯୋଗ ମିଳିଥିଲା ତାହା ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁନି।' ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କ୍ରିତିଙ୍କ ଭୂମିକାଟି ଥିଲା ସମୀରା। ଅନ୍ୟପକ୍ଷରେ ସେହି ୨୦୧୪ରେ ତାଙ୍କ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା, ଆଉ ସିନେମାଟି ଥିଲା 'ହେରୋପନ୍ତୀ'। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଉଛି 'ଦିଲୱାଲେ', 'ରବ୍‌ତା', 'ଲୁକ୍କା ଛୁପି', ମିମି, 'ହାଉସଫୁଲ ୪', 'ପତି ପତ୍ନୀ ଔର ୱ' ଏବଂ 'ଶେହଜାଦା'। ତାଙ୍କ ଅଭିନୀତ ବିଗ୍ ବଜେଟ୍ ଫିଲ୍ମ 'ଆଦିପୁରୁଷ' (ପ୍ରଭାସ, ସୈଫ ଅଲ୍ଲୀ ଖାଁ) ଚଳିତ ମାସ ୧୬ରେ ପରଦା ଉପରକୁ ଆସିବ।

# 'ଜି ଲେ ଜରା' ଭରଷା

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। କେବଳ ସେତିକି ନୁହେଁ, ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ସେ ଘର ସଂସାର କରିସାରିଛନ୍ତି। ତା'ସହ ସେ ଏବେ କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ବ୍ୟସ୍ତ। ହେଲେ ତା' ଭିତରେ ବି ସେ ସମୟ ବାହାର କରି କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଲିଉଡ୍‌କୁ ଫେରିଛନ୍ତି। ଫିଲ୍ମଟି ହେଲା ଫରହାନ୍ ଅଖତରଙ୍କର 'ଜି ଲେ ଜରା'। ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫ ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟି ଚଳିତ ବର୍ଷ ପରଦା ଉପରକୁ ଆସିବାର ଯୋଜନା ରହିଛି। ଯଦି ଏହି ଫିଲ୍ମଟି କ୍ଲିକ୍ କରେ ତେବେ ବଲିଉଡ୍ ପ୍ରତି ଅଧିକ ଧ୍ୟାନ ଦେବେ ବୋଲି କହନ୍ତି ପ୍ରିୟଙ୍କା। ଏ ନେଇ ପ୍ରିୟଙ୍କା କହନ୍ତି, 'ଏକଥା ସତ ଯେ ଗତ କିଛି ବର୍ଷ ହେବ ମୁଁ ମୋ ବଲିଉଡ ପ୍ରଶଂସକଙ୍କ ନିକଟରୁ ଦୂରେଇ ଯାଇଛି। ଏହାର ଅର୍ଥ ନୁହେଁ ଯେ ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ ବାୟ କରିଦେଇଛି। ଫରହାନଙ୍କ 'ଜି ଲେ ଜରା'କୁ ନେଇ ବେଶ୍ ଆଶା ରଖିଛି।' ତେବେ ତାଙ୍କର ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

ପ୍ରିୟଙ୍କା


# ପ୍ରଥମେ ପୂଜାପାଠ, ତା'ପରେ...

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ଏକ ଭଲ ଅଭ୍ୟାସ ଅଛି। କୌଣସି ଫିଲ୍ମର ଶୁଟିଂ ଆରମ୍ଭ ପୂର୍ବରୁ ସେ ନିକଟସ୍ଥ ମନ୍ଦିରକୁ ଯାଆନ୍ତି। ସେଠାରେ ପୂଜାର୍ଚ୍ଚନା କରନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ମନ୍ଦିର ଯିବା ମୋର ପିଲାଟି ଦିନରୁ ଅଭ୍ୟାସ। ମୁଁ ଅଭିନୟ କରିବାକୁ ଯାଉଥିବା ଯେକୌଣସି ନୂଆ ସିନେମାର ଶୁଟିଂ ପୂର୍ବରୁ ଯେମିତି ହେଲେ ମନ୍ଦିର ଯାଏ। କାରଣ ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି ବରୁଣ। ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ। ଯେତେବେଳେ ସେ ଆମେରିକାର ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରେ ପଢୁଥିଲେ ସେତେବେଳେ ପକେଟ୍‌ମନି ପାଇଁ ନାଇଟ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ।

ବରୁଣ


# ଲଭ୍ ଇନ୍ ଲଣ୍ଡନ


'ଲଭ୍ ଇନ୍ ଲଣ୍ଡନ' ଫିଲ୍ମରେ ଅନୁଭବ

ଏଥର ରଜରେ ପରଦା ଉପରକୁ ଆସୁଛି ହାଇ ବଜେଟ ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ'। ଏହାର ନାୟକ ସାଜିଛନ୍ତି ଅନୁଭବ ମହାନ୍ତି। ଜେ.ବି. ଫିଲ୍ମସ୍ ଓ ଆମର ଷ୍ଟୁଡିଓ ବ୍ୟାନରରେ, ନବୀନ ଭଣ୍ଡାରି ଓ ଜେ. ବର୍ମା ପ୍ରଯୋଜିତ ଏହି ଫିଲ୍ମଟି ଏକ ଭିନ୍ନ ଧରଣର ରୋମାଣ୍ଟିକ କାହାଣୀ ଉପରେ ଆଧାରିତ। ଉକ୍ତ ଚିତ୍ରର କାହାଣୀ ରଚନା ଦାୟିତ୍ୱ ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତାପସ ସରଘରିଆ। ଚିତ୍ରନାଟ୍ୟ ସୁରେଶ ପଟ୍ଟନାୟକ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ବୈଦ୍ୟନାଥ ଦାଶ ଏବଂ ସୋମେସ୍ ଶତପଥି ଗୀତଗୁଡିକୁ ସ୍ୱର ଦେଇଛନ୍ତି। ଫିଲ୍ମର ଶୁଟିଂ ଲଣ୍ଡନ ଓ ବାରିପଦାରେ କରାଯାଇଛି। ଫିଲ୍ମଟିର ଟିଜର୍ ରିଲିଜ ହୋଇ ବେଶ୍ ଭାଇରାଲ ହୋଇସାରିଛି। ଖାସ୍ କଥା ହେଲା ଚାରି ବର୍ଷର ଗ୍ୟାପ୍ ପରେ ଅନୁଭବ ପୁଣି ଥରେ ବଡ ପରଦାରେ କମ୍ ବ୍ୟାକ୍ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମଟି ହିଟ୍ ହେବ ବୋଲି ଆଶା ବି ରଖିଛନ୍ତି ସେ। ଏଥିରେ ଅନୁଭବଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ନବାଗତା ସ୍ୱପ୍ନା ପ୍ରିୟଦର୍ଶିନୀ। ତାଙ୍କ ବ୍ୟତୀତ ସୌମ୍ୟା ସଚଦେବଙ୍କୁ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।

# ଯାହା ଖୋଜୁଥିଲେ ଜାହ୍ନବୀ

ଜାହ୍ନବୀ


ଗତ କିଛି ସପ୍ତାହ ହେବ ଜାହ୍ନବୀ କପୁର ଟେନସନ୍‌ରେ ଥିଲେ। କାରଣ ଅଫରଟି ପାଉ ପାଉ ସିନା ହଁ ଭରିଦେଲେ, ହେଲେ ଆକ୍ସନ ଶଟ୍ କେମିତି ଦେବେ ସେ ନେଇ ଚିନ୍ତାରେ ପଡିଥିଲେ। ଯାହାହେଉ ତାଙ୍କର ଏଭଳି ସମସ୍ୟାକୁ ସମାଧାନ କରିଦେଇଛନ୍ତି ଟାଇଗର। ସଂଯୋଗ ବଶତଃ ଏକଦା ଏକ ମଲ୍‌ରେ ଟାଇଗରଙ୍କ ସହ ତାଙ୍କର ଭେଟ ହୋଇଗଲା। ଆଉ ଯେତେବେଳେ ସେ ନିଜ ମନର କଥାକୁ ତାଙ୍କ ସାମନାରେ ବଖାଣି ବସିଲେ, ସେତେବେଳେ ଟାଇଗର ଏ ନେଇ ସହଯୋଗର ହାତ ବଢ଼ାଇ ଥିଲେ। ଆଉ ଏବେ ଯୁଆଡେ ଗଲେ ଜାହ୍ନବୀଙ୍କ ମୁହଁରେ ବଲିଉଡ୍‌ର ଏହି ୟଙ୍ଗ ସନ୍‌ସେସନ୍‌ଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଶ୍ରୀଦେବୀ ତନୟା କହନ୍ତି, 'ଏପରି ଆକ୍ସନ ଭୂମିକାରେ ମୋତେ କେତୋଟି ଷ୍ଟଣ୍ଟ ସଟ୍ ଦେବାକୁ ପଡିବ। ତେଣୁ ଏ ନେଇ ନିଜକୁ କେମିତି ପ୍ରସ୍ତୁତ କରିବି ଟେନସନ୍‌ରେ ଥିଲି। ହେଲେ ସେଦିନ ମଲ୍‌ରେ ଟାଇଗରଙ୍କ ସହ ଦେଖାହେବା ପରେ ମୁଁ ଯାହା ଖୋଜୁଥିଲି ତାହା ମୋତେ ମିଳିଯାଇଥିଲା। ଆକ୍ସନ ଶଟ୍ ପାଇଁ ସେ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହା ମୋ ଟେନସନକୁ ଦୂର କରିଦେଇଛି।' ତେବେ ଏଭଳି ଭୂମିକାରେ ଜାହ୍ନବୀ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି (ଟାଇଟଲ ଫାଇନାଲ ହୋଇନାହିଁ) ରିଲିଜ ହେଲେ ହିଁ ଜଣାପଡିବ।

ବାଣୀ


# ଡେଟ୍ ପାଇଁ ଟେନ୍‌ସନ

ବାଣୀ ଏବେ ଦୋଛକିରେ ପଡିଛନ୍ତି। କାରଣ ସେ ହଁ ଭରିଥିବା ଦୁଇଟି ସିନେମାର ଡେଟ୍ କିପରି ଫାଇନାଲ କରିବେ ତାହା ସେ ଜାଣି ପାରୁନାହାନ୍ତି। କଥା କ'ଣ କି ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ଦୁଇଟି ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଏପରିକି କାହାଣୀ ଶୁଣିବା ପରେ ବାଣୀଙ୍କ ଖୁସି ବନ୍ଧବାଡ ମାନି ନ ଥିଲା। ହେଲେ ଯେତେବେଳେ ଜାଣିଲେ ଯେ ଏହାର ଶୁଟିଂ ବ୍ୟାକ୍-ଟୁ-ବ୍ୟାକ୍ ଆରମ୍ଭ ହେବ ସେତେବେଳେ ତାଙ୍କର ଟେନ୍‌ସନ୍ ବଢ଼ିଯାଇଥିଲା। ଏ ନେଇ ସେ କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡିକର ଶୁଟିଂ ପଛକୁ ପଛ ଆରମ୍ଭ ହେବ। ସେପଟେ ଏହାପୂର୍ବରୁ ସାଇନ୍ କରିଥିବା ଫିଲ୍ମ ପାଇଁ ମୁଁ ଡେଟ୍ ଦେଇସାରିଛି। ତେଣୁ ନୂଆ ସିନେମାଦ୍ୱୟ ପାଇଁ କିପରି ଡେଟ୍ ଫାଇନାଲ କରିବି ଜାଣିପାରୁନାହିଁ। ଯଦି ଡେଟ୍ ଫିକ୍ସ ହେବାରେ ଅସୁବିଧା ହୁଏ ତେବେ ଗୋଟିଏ ଅଫର୍ ହୁଏତ ହାତଛଡା କରିପାରେ। ସେପଟେ ନୂଆ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଅବଶ୍ୟ ଏ ନେଇ କିଛି ଶେଷ ନିଷ୍ପତ୍ତି ଏଯାଏଁ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।' ବାଣୀଙ୍କ ବଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ 'ଶୁଦ୍ଧ ଦେଶୀ ରୋମାନ୍ସ'ରୁ।

# ଦରମା ଟଙ୍କା ମା'ବାପାଙ୍କୁ ଦେଇଥିଲି

ପ୍ରଥମ ରୋଜଗାର



ବରିଷ୍ଠ ସ୍ତନକର୍କଟ ବୈଜ୍ଞାନିକ ଡଃ. ସନ୍ଦୀପ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କୋରାପୁଟରେ ଜନ୍ମ ହୋଇଥିଲେ ହେଁ ଶିକ୍ଷାଦିକ୍ଷା ମୋର ସବୁ ଭୁବନେଶ୍ୱରରେ ହୋଇଥିଲା। ୟୁନିଟ୍-୧ ବାଳକ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍, ବିଜେବି କଲେଜରୁ ଆଇ.ଏସ୍‌ସି., ବି.ଏସ୍‌ସି. ସରିବା ପରେ ଉତ୍କଳ ୟୁନିର୍ଭସିଟିରୁ ଜୁଲୋଜି (ଡେଭଲପ୍‌ମେଣ୍ଟାଲ୍ ବାୟୋଲୋଜି)ରେ ଏମ୍.ଏସ୍‌ସି ପାସ୍ କରିଥିଲି। ତା'ପରେ ଡିପାର୍ଟମେଣ୍ଟ ଅଫ୍ ଆଟୋମିକ୍ ଏନର୍ଜିର ଫେଲୋସିପ୍ ପାଇ ପିଏଚ୍.ଡି ପାଇଁ ଗବେଷଣା ଆରମ୍ଭ କଲି। ମୋର ପିଏଚ୍.ଡିର ବିଷୟ ଥିଲା 'ମଲିକୁଲାର୍ ଏଜିଙ୍ଗ୍'। ଅର୍ଥାତ୍ ବୟସ ଯେଉଁ ବଢ଼େ ତା'ର ମଲିକୁଲାର୍ ବାୟୋଲୋଜି ଉପରେ ମୁଁ ଗବେଷଣା କରୁଥିଲି। ଏହି ସମୟରେ ମାସକୁ ୧୮୦୦ ଟଙ୍କା ଲେଖାଏଁ ସ୍କଲାରଶିପ୍ ମିଳିଲା। ତା'ପରେ ଆଉ ବାପାଙ୍କଠାରୁ ପଇସା ଆଣିଲି ନାହିଁ। ନିଜ ଖର୍ଚ୍ଚ ନିଜେ ତୁଲାଇଲି। ପିଏଚ୍.ଡିର ପ୍ରଥମ ବର୍ଷରେ ହିଁ ମୋତେ ପ୍ରେଷ୍ଟିଜିୟସ୍ 'ତିଲକ୍ ଆୱାର୍ଡ' ମିଳିଯାଇଥିଲା ; ଯାହା ମୋ ପାଇଁ ଥିଲା ଖୁବ୍ ଗର୍ବର କଥା। ପିଏଚ୍.ଡି ପରେ ସଙ୍ଗେସଙ୍ଗେ ମୋତେ ରିଜିଓନାଲ୍ କଲେଜ ଅଫ୍ ଏଜୁକେଶନରେ ଆଡହକ୍ ଲେକ୍‌ଚର୍ ଭାବେ ଚାକିରି ମିଳିଗଲା। ପ୍ରଥମ ଦରମା ନେଇ ମା'ବାପାଙ୍କ ହାତରେ ଦେଲି। ସେମାନେ ଖୁସି ହେଲେ କିନ୍ତୁ ଟଙ୍କା ରଖିବାକୁ ଚାହିଁଲେନି। ବାଧ କରିବାରୁ ମାତ୍ର ହଜାରେ ଟଙ୍କା ରଖି ବାକିତକ ମୋତେ ଫେରାଇଦେଲେ। ପ୍ରାୟ ସାଢେ ଚାରି ବର୍ଷ ଏଠି ଅଧ୍ୟାପନା କରିବା ପରେ ଦିଲ୍ଲୀସ୍ଥିତ ନାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇମିନୋଲୋଜିରେ ରିସର୍ଚ୍ଚ ଆସୋସିଏଟ୍ ଭାବେ ଜଏନ୍ କରିଥିଲି। ବର୍ଷେ ଭିତରେ ମୋତେ ଆମେରିକାସ୍ଥିତ ଏମ୍‌ଡି ଆଣ୍ଡରସନ୍ କ୍ୟାନସର୍ ସେଣ୍ଟର ତରଫରୁ ପୋଷ୍ଟ ଡକ୍ଟରାଲ୍ ଫେଲୋଶିପ୍ ମିଳିଲା। ତେଣୁ ଦିଲ୍ଲୀ ଚାକିରି ଛାଡ଼ି ଆମେରିକା ଗଲି। ସେଠାରେ ମୋତେ ସ୍ତନ କର୍କଟ ରୋଗ ଉପରେ କାମ କରିବାର ସୁଯୋଗ ମିଳିଲା। ମୋର ଗବେଷଣାତ୍ମକ ବିଷୟକୁ ନେଇ କ୍ରମେ ଅନେକ ଆର୍ଟିକିଲ୍ ଲେଖିଲି ; ଯାହାକି ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଜର୍ନାଲ୍‌ରେ ପ୍ରକାଶିତ ହେଲା। ଏଥିସହିତ ଅନ୍ତର୍ଜାତୀୟ ସ୍ତରର ସେମିନାର୍‌ରେ ଶ୍ରେଷ୍ଠ ପ୍ରଦର୍ଶନୀ ପାଇଁ ମୋତେ ପ୍ରେଷ୍ଟିଜିୟସ୍ 'ଆମଜେନ୍ ଆୱାର୍ଡ' ବି ମିଳିଲା। ଚାକିରିକୁ ନେଇ ସେଠାରେ ବହୁତ ଖୁସି ଥିଲି। ହେଲେ ବାପାଙ୍କର ହଠାତ୍ ଦେହ ଖରାପ ହେବାର ଖବର ଶୁଣି ଆମେରିକା ଛାଡ଼ି ଭୁବନେଶ୍ୱର ଚାଲିଆସିଲି। ଆଉ ଏଠି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍‌ରେ ରିଡର ଭାବେ କାମ କଲି। ଅବଶ୍ୟ ମଝିରେ କିଛିଦିନ ପାଇଁ ଆମେରିକା ଯାଇ ଏମ୍‌ଡି ଆଣ୍ଡରସନ୍ କ୍ୟାନସର୍ ସେଣ୍ଟରର୍ ଡିପାର୍ଟମେଣ୍ଟ ଅଫ୍ ନ୍ୟୁରୋସର୍ଜରୀରେ ଫାକଲ୍ଟି ଭାବେ କାମ କରିଥିଲି। କିନ୍ତୁ ଏବେ ମୁଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍‌ରେ ସିନିୟର୍ ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟରତ। ତା'ସହିତ ପୃଥିବୀର ବହୁତ ବଡ଼ ବଡ଼ ଜର୍ନାଲ୍‌ର ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଉଅଛି। ସବୁଠୁ ବଡ଼ କଥା ହେଉଛି ମୋର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ ଟିମ୍ ସ୍ତନ କର୍କଟର ଚିକିତ୍ସା ପାଇଁ ଏକ ଡ୍ରଗ୍ସ ବାହାର କରିଛୁ ; ଯାହାକୁ ମଣିଷ ଉପରେ ପରୀକ୍ଷା କରିବା ପାଇଁ ଭାରତ ସରକାରଙ୍କ ତରଫରୁ ଅନୁମତି ସହିତ ଆର୍ଥିକ ଅନୁଦାନ ବି ମିଳିସାରିଛି ; ଯାହା ଆମ ଟିମ୍ ପାଇଁ ଏକ ବଡ଼ ସଫଳତା। ଆମେ ଏବେ ସେହି ଗବେଷଣାରେ ଲାଗିଛୁ। ଜୀବନରେ ତ ଅନେକ ସଫଳତା ମିଳିଛି, ଭଗବାନଙ୍କ ଆଶୀର୍ବାଦରୁ ଯଦି ଏହି ଗବେଷଣାରେ ବି ସଫଳତା ମିଳିଯାଏ, ତା'ହେଲେ ଶ୍ରମ ସାର୍ଥକ ହେଲା ବୋଲି ଜାଣିବି।

*–ଅନ୍ୱିତା*



ସାଥୀ

# ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣୀରେ ନେଲା ମନକୁ କିଣି

**ପ୍ରଶ୍ନ–**ସବୁବେଳେ ମୋ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସୁଛି। ତା' କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*–ଅସୀତ କୁମାର, କେନ୍ଦ୍ରାପଡା*

**ଉତ୍ତର:** 'ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣୀରେ ନେଲା ମନକୁ କିଣି।' ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। ସେଥିପାଇଁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ କୌଣସି କଥାକୁ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ପ୍ରଥମ କଥା ହେଲା ଯିଏ ଆପଣଙ୍କ ସ୍ୱପ୍ନରେ ସବୁବେଳେ ଆସୁଛି ଓ ଆପଣଙ୍କ ମନ ତା' ପାଖରେ ବନ୍ଧା ପଡିଯାଇଛି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଆଉ ସେ ମିଳିଗଲାପରେ ପାଣିପାଗ ଯଦି ଠିକ୍ ରହେ, ମନର କଥା କହି ଦିଅନ୍ତୁ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ମତେ ଲାଗୁଛି ସେ ବି ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ତପନ, ବ୍ରହ୍ମପୁର*

**ଉତ୍ତର:** ଯାହାକୁ ଏତେ ଥର ଆଇ ଲଭ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତାର ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। କ'ଣ କରିବି କିଛି ଜାଣିପାରୁନାହିଁ।

*–ଚିରାଗ ସାହୁ, ପୁରୀ*

**ଉତ୍ତର:** ଆପଣଙ୍କ ରଚିତ କବିତା ପ୍ରେମିକା ମଗଜରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି ହିଁ କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ପ୍ରଥମେ ପ୍ରେମିକା ମନରେ ବିଶ୍ୱାସ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ–**ଜଣେ ଝିଅ ମୋତେ ଆଖିରେ ଇସାରା ଦେଉଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ମହେଶ କୁମାର, ରାଉରକେଲା*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ବାସ୍, ସେହି ଇସାରା, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ସେହି ଇସାରା ଭିତରେ କେଉଁଠି ନା କେଉଁଠି ନିଶ୍ଚୟ ପ୍ରେମର ଅସଲ ବାସ୍ନା ଲୁଚି ରହିଛି। ବାସ୍, ଥଣ୍ଡା ମିଜାସରେ ତାହାକୁ ଖୋଜିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଦିନେ ନା ଦିନେ ଆପଣଙ୍କ ମନର ମାନସୀ ଆସି ଆପଣଙ୍କୁ ସରପ୍ରାଇଜ ଦେବ।

**ପ୍ରଶ୍ନ–**ଜଣେ ଝିଅ ସହ ଗତ କିଛି ଦିନ ହେବ ଦେଖାହେଉଛି। ପ୍ରଥମେ ସେ ମୁହଁ ପୋତି ଚାଲିଯାଉଥିଲା। ହେଲେ ଏବେ ମୋତେ ଦେଖି ହସି ଦେଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ଜତୀନ, କଳାହାଣ୍ଡି*

**ଉତ୍ତର:**ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ତାକୁ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମ୍ନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।



# ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା

**ଜ୍ୟେ**ଷ୍ଠ ପୂର୍ଣ୍ଣିମା ହିଁ ଦାରୁବ୍ରହ୍ମ ଜଗନ୍ନାଥଙ୍କର ଆବିର୍ଭାବ ଦିବସ। ତେଣୁ ଏହି ପୂର୍ଣ୍ଣିମାରେ ସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥାଏ।

ଜ୍ୟେଷ୍ଠ ମାସି ସିତପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍
ସ୍ନାପୟେତ୍ତୀର୍ଥ ତୋୟେନ ସର୍ବ ମଙ୍ଗଳ ସିଦ୍ଧୟେ।

ଏହି ପୁରୋଦୃଷ୍ଟିରୁ ବିଶ୍ୱ ମଙ୍ଗଳ କାମନାରେ ଶ୍ରୀଜଗନ୍ନାଥଙ୍କୁ ସ୍ନାନ କରାଯାଇ ମହୋତ୍ସବ ଅନୁଷ୍ଠିତ ହୁଏ। ତେଣୁ ଜ୍ୟେଷ୍ଠ ପୂର୍ଣ୍ଣିମା ଦେବସ୍ନାନ ପୂର୍ଣ୍ଣିମା ନାମରେ ଖ୍ୟାତ। ପୌରାଣିକ ମାନ୍ୟତାରେ ଦେବସ୍ନାନ ପୂର୍ଣ୍ଣିମାର ପାବନ ମୁହୂର୍ତ୍ତରେ ପବିତ୍ର ନୀଳାଚଳ ଧାମରେ ଦାରୁବ୍ରହ୍ମଙ୍କ ଆବିର୍ଭାବ ଘଟିଥିଲା। ମହାରାଜା ଇନ୍ଦ୍ରଦ୍ୟୁମ୍ନ ସୁରମ୍ୟ ସ୍ନାନମଣ୍ଡପରେ ସୁଶୋଭିତ ଚନ୍ଦ୍ରାତପ ଆଚ୍ଛାଦନପୂର୍ବକ ଅଷ୍ଟୋତ୍ତର ଶତ ସ୍ୱର୍ଣ୍ଣକଳସପୂର୍ଣ୍ଣ ମନ୍ତ୍ରପୂତ ତୀର୍ଥ ଜଳରେ ଦାରୁବ୍ରହ୍ମଙ୍କର ଆବିର୍ଭାବ ସ୍ନାନ ମହୋତ୍ସବ ସମ୍ପନ୍ନ କରାଇଥିଲେ। ସେହି ପାବନ ସ୍ମୃତିକୁ ଉଜ୍ଜୀବିତ ରଖି ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପରେ ସ୍ନାନ କରିବା ସହିତ ଅଗଣିତ ଜନତାଙ୍କୁ ଦର୍ଶନ ଦେଇଥାନ୍ତି। ସ୍ନାନଲୀଳା ହେଉଛି ଭକ୍ତବାଞ୍ଛା କଳ୍ପତରୁ ଦାରୁବ୍ରହ୍ମଙ୍କର ଆଦ୍ୟଲୀଳା। ଜଗତର ନାଥ ପରଂବ୍ରହ୍ମ ଆପଣାର ଏହି ଆବିର୍ଭାବ ମହୋତ୍ସବରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଆନ୍ତି। ଏହି ମହୋତ୍ସବରେ ତାଙ୍କ ନିକଟରେ କେହି ସାନ, ହୀନ ବା ପତିତ ନୁହନ୍ତି। ଏହି ଦିବ୍ୟସ୍ନାନ ମହୋତ୍ସବରେ ସେ ପାବନାବତୀର ପତିତପାବନ।

ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ମହୋତ୍ସବର ମହାସ୍ନାନ ପ୍ରୀତ୍ୟର୍ଥେ ସକଳ ପୁଣ୍ୟତୋୟା ତୀର୍ଥ ସମୂହ ନୀଳାଚଳ ଧାମସ୍ଥ ପବିତ୍ର ସ୍ୱର୍ଣ୍ଣକୂପରେ ଆବିର୍ଭାବ ହୋଇଥାନ୍ତି ଏବଂ ଦେବସ୍ନାନ ପରେ ବାହୁଡ଼ି ଯାଆନ୍ତି। ଐତିହ୍ୟସମ୍ପନ୍ନ ସର୍ବପୁରାତନ ସ୍ୱର୍ଣ୍ଣକୂପର ଅଧିଷ୍ଠାତ୍ରୀ ହେଉଛନ୍ତି ଜଗଜ୍ଜନନୀ ମା' ଶୀତଳା। ବୈଦିକ ଯଜ୍ଞୀୟ ପଦ୍ଧତିରେ ଏହା ପ୍ରଣୀତାକୂପ ନାମରେ ସୁବିଖ୍ୟାତ। ଆବିର୍ଭାବୋତ୍ସବରେ ଦାରୁବ୍ରହ୍ମ ଏହି ପବିତ୍ର କୂପର ଜଳରେ ହିଁ ସ୍ନାନ କରିଥାଆନ୍ତି। ବର୍ଷସାରା କୂପଟି ବନ୍ଦ ରହିଥାଏ। କେବଳ ସ୍ନାନପୂର୍ଣ୍ଣିମା ପୂର୍ବଦିନ କୂପର ଆଭ୍ୟନ୍ତର ପରିଷ୍କାର କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନାର୍ଥେ ଅଷ୍ଟୋତ୍ତର ଶତକଳସ ଜଳ ସଂଗ୍ରହ କରାଯାଏ। ଏହା ହିଁ ସ୍ନାନ ମହୋତ୍ସବର ଅଧିବାସ ବିଧି। ଅଧିବାସିତ ଜଳରେ ଅଷ୍ଟଗନ୍ଧ କୃଷ୍ଣାଗୁରୁ, ଉଶିର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ, ଲୋଧ୍ର ପ୍ରଭୃତି ମହୌଷଧି ମିଶ୍ରଣ ଓ ଅଭିମନ୍ତ୍ରଣ କରାଯାଏ। ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଥାନ୍ତି।

ସ୍ନାନ ପୂର୍ଣ୍ଣିମାର ବହୁ ପୂର୍ବରୁ ଚିତ୍ରକରମାନେ ସ୍ନାନମଣ୍ଡପକୁ ଚିତ୍ରବିଚିତ୍ର କରିଥାନ୍ତି। ଚତୁର୍ଦ୍ଧାମୂରତି ସ୍ନାନ ପୂର୍ଣ୍ଣିମା ପ୍ରତ୍ୟୁଷରୁ ରତ୍ନ ସିଂହାସନରୁ ପହଣ୍ଡି ବିଜେ ହୋଇ ଚନ୍ଦ୍ରାତପଶୋଭିତ ସୁସଜ୍ଜିତ ସ୍ନାନମଣ୍ଡପରେ ବିଜେ ହୋଇଥାନ୍ତି। ସ୍ମୃତି ଶାସ୍ତ୍ରାନୁଯାୟୀ ଦାରୁବ୍ରହ୍ମଙ୍କର ସ୍ନାନ ମହୋତ୍ସବ ସୂର୍ଯ୍ୟୋଦୟଠାରୁ ପାଳନ କରାଯାଏ।

**ଜଗତ ଠାକୁର ସେ ଦାରୁଦେବତା। ଦିଅଁ ଯେପରି ତାଙ୍କ ନୀତିକାନ୍ତି ବି ସେପରି ମହିମାମଣ୍ଡିତ। ସକଳଜନଙ୍କୁ ଦର୍ଶନ ଦେବା ପାଇଁ ଭାଇ ଭଉଣୀଙ୍କୁ ସାଥିରେ ଧରି ସେ ପ୍ରଥମେ ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି ସ୍ନାନମଣ୍ଡପକୁ। ଏହି ଜଗତମଙ୍ଗଳ ଲୀଳାର ଆଦ୍ୟ ଲୀଳା ଭାବେ ବିଦିତ ସ୍ନାନ ପର୍ବ। ଜ୍ୟେଷ୍ଠ ପୂର୍ଣ୍ଣିମା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଦିବସ। ଏହି ଦିନରେ ଦାରୁଦିଅଁଙ୍କ ଆବିର୍ଭାବ ସ୍ନାନ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଏହା ସ୍ନାନ ପୂର୍ଣ୍ଣିମା ଭାବରେ ଖ୍ୟାତ....**

## ସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ

ଠାକୁରଙ୍କ ସ୍ନାନ ପାଇଁ ଏକ ସ୍ୱତନ୍ତ୍ର ସ୍ନାନମଣ୍ଡପ ରହିଛି। ଏହା ଶ୍ରୀମନ୍ଦିରର ଆନନ୍ଦ ବଜାର ନିକଟରେ ଅବସ୍ଥିତ। ଏହାର ଦୈର୍ଘ୍ୟ ପ୍ରାୟ ୭୫ ଫୁଟ୍। ତିନି ବିଗ୍ରହ ବସିବା ପାଇଁ ବଡ଼ ବଡ଼ ବେଦିମାନ ନିର୍ମାଣ କରାଯାଇଛି। ସ୍ନାନ ମଣ୍ଡପରେ ପାହାଚମାନ ଅଛି ଓ ଏହା ଅତି ଉଚ୍ଚରେ ନିର୍ମିତ ହୋଇଥିବାରୁ ସିଂହଦ୍ୱାରର ଯେକୌଣସି ସ୍ଥାନରେ ଛିଡ଼ା ହେଲେ ମଧ୍ୟ ସ୍ନାନ ମଣ୍ଡପ ଦେଖାଯାଏ। ଏହି ସ୍ନାନ ପୂର୍ଣ୍ଣିମା ଦିନ ତିନିଠାକୁର ଶ୍ରୀମନ୍ଦିରର ପରିଧି ଭିତରେ ଏହିପରି ଭାବରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି।

ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ଦଶମୀଠାରୁ ଭାରତର ସବୁ ତୀର୍ଥ ଶ୍ରୀକ୍ଷେତ୍ରରେ ସମାଗମ ହୁଅନ୍ତି। ମା' ଶୀତଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ସୁନା କୂଅ ରହିଛି। ଏହିଠାରେ ହିଁ ସକଳ ତୀର୍ଥର ମିଳନ ହୁଏ। ପୂର୍ଣ୍ଣିମା ପୂର୍ବଦିନ ସୁନା ଗୋସେଇଁ ଓ ମୁଦିରଥ ୧୦୮ଟି ନୂଆ କୁମ୍ଭରେ ଜଳ ଆଣି ଭୋଗ ମଣ୍ଡପରେ ରଖିଥାଆନ୍ତି। ସେଦିନ ମଧ୍ୟ ଠାକୁରମାନଙ୍କୁ 'ପହୁଡ଼' ନ କରି ଶ୍ରୀମୁଖରେ ଖଣ୍ଡୁଆ ପକାଯାଏ। ରତ୍ନ ସିଂହାସନରୁ ଏକ ଶିଡ଼ି କୋଠ ସୁଆଁସିଆମାନେ ବାନ୍ଧନ୍ତି। ସ୍ନାନମଣ୍ଡପଟି ଚାନ୍ଦୁଆ ଓଢ଼ଣୀ ପ୍ରଭୃତିରେ ସଜ୍ଜିତ ହୁଏ। ପୂର୍ଣ୍ଣିମା ଦିନ ସକାଳୁ ପୂଜାପଣ୍ଡା ଓ ଅନ୍ୟାନ୍ୟ ସେବାୟତମାନେ 'ମଙ୍ଗଳାର୍ପଣ' କରନ୍ତି। ଦଇତାପତି(ବିଶ୍ୱାବସୁଙ୍କ ବଂଶଧର) ଠାକୁରମାନଙ୍କ ଦେହରେ ଡୋରି ବାନ୍ଧନ୍ତି। ଘଣ୍ଟା, କାହାଳୀ ଓ ବାଜଣା ଭିତରେ ତିନି ଠାକୁର 'ଧାଡ଼ି ପହଣ୍ଡି' କରି ସ୍ନାନମଣ୍ଡପରେ ଉଭା ହୁଅନ୍ତି। ପ୍ରଥମେ ସ୍ନାନବେଦିକୁ ଯାଆନ୍ତି ସୁଦର୍ଶନ, ତା'ପରେ ବଳଭଦ୍ର, ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ଏବଂ ସର୍ବଶେଷରେ ମଦନମୋହନ।

## ପାଞ୍ଚ ପରମ୍ପରାରେ ସମୃଦ୍ଧ ସ୍ନାନଲୀଳା

ସ୍ନାନଲୀଳା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ମହାପ୍ରଭୁଙ୍କର ସ୍ନାନଲୀଳା ବୈଦିକ, ତାନ୍ତ୍ରିକ ଓ ପୁରାଣ ଶାସ୍ତ୍ର ପରମ୍ପରାରେ ସମୃଦ୍ଧ ହୋଇଥିବା ବେଳେ ଐତିହ୍ୟ ଓ ଭକ୍ତିମୂଳକ ଲୋକବିଶ୍ୱାସ ପରମ୍ପରାରେ ମଧ୍ୟ ମହିମାମଣ୍ଡିତ ହୋଇଅଛି। ବୈଦିକ ବିଧିରେ ସ୍ନାନଜଳ ଅଭିମନ୍ତ୍ରିତ ହେଉଥିବା ବେଳେ ସ୍ନାନଜଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ। ଦେବସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଥିବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ। ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହନ ସିଂହଙ୍କ ମଧ୍ୟରେ ଅବସ୍ଥିତ। ସତେଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ। ବର୍ଷସାରା କୂଅର ବ୍ୟବହାର ନ ଥିବାରୁ ଜଳପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ 'ଅଣତୁଠ ପାଣି' ବୋଲି ଲୋକେ ବିଶ୍ୱାସ କରନ୍ତି। ବୈଦିକ ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ। ପ୍ରାଚୀନ କାଳରେ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାକୁ ଅଣତୁଠ ପାଣି ମିଶାଇ ସ୍ନାନ କରିବାର ଜଳପଦୀୟ ପରମ୍ପରା ରହିଥିଲା। ଏହାଦ୍ୱାରା ଦୁଷ୍ଟଶକ୍ତି ପ୍ରଭାବ କଅଁଳ ପିଲାଙ୍କ ଉପରେ ପଡ଼େନାହିଁ।

**– ବୀରଭଦ୍ର ବିଶ୍ୱାଳ, ଫଟୋ: ଯଜ୍ଞେଶ୍ୱର ମହାନ୍ତି**







**ରମଣ**

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ରକେଟ୍

ଗୋପୀ: କାଲି ମୁଁ ରକେଟ ଛାଡ଼ିଥିଲି। ଆଉ ତାହା ସିଧା ଯାଇ ସୂର୍ଯ୍ୟକୁ ବାଜିଲା।
ଘନ: କ'ଣ କହୁଛୁ ତୁ? ଏତେ ବଡ଼ କାମ କରିଛୁ। ତା'ପରେ କ'ଣ ହେଲା?
ଗୋପୀ: ମୋ ଉପରେ ମାଡ଼ ବର୍ଷା ହେଲା।
ଘନ: କିଏ ମାରିଲା?
ଗୋପୀ: ସୂର୍ଯ୍ୟର ମା'।

### ଭୂମିକମ୍ପ

ସ୍ୱାମୀ ସ୍ତ୍ରୀକୁ ରାତି ଅଧରେ: ଆରେ ଜଲ୍‌ଦି ଉଠ। ଭୂମିକମ୍ପ ହେଉଛି ବୋଧେ, ଘର ଥରୁଛି।
ସ୍ତ୍ରୀ: ଏତେ ବ୍ୟସ୍ତ ହେବା ଦରକାର ନାହିଁ। ଚୁପ୍‌ଚାପ ଶୋଇପଡ଼। ଏ ଘର ଆମର ନୁହେଁ। ଆମେ ତ ଭଡ଼ାଟିଆ। ଘର ଭୁଷୁଡ଼ିଲେ ଭୁଷୁଡ଼ୁ।

### ପୋକ


ରାହୁଲ ପିଜୁଳି କିଣିକି ନେଇଥାଏ। ଖାଇଲାବେଳେ ପୋକ ବାହାରିଲା। ସେ ଦୋକାନୀ ପାଖକୁ ଯାଇ: କେମିତିଆ ପିଜୁଳି ଦେଇଥିଲ ଯେ, ସେଥିରୁ ପୋକ ବାହାରିଲା।
ଦୋକାନୀ: ଆଜ୍ଞା, ଆଜି ପୋକ ବାହାରିଛି। କିଏ ଜାଣେ କାଲି ସୁନା ଖଣ୍ଡ ବି ବାହାରିପାରେ।
ରାହୁଲ: ତା'ହେଲେ ମତେ ଆଉ ୨ କିଲୋ ପିଜୁଳି ଦିଅ।




# ରବର୍ସ କେଭ୍



**ରବର୍ସ କେଭ୍ ହେଉଛି ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ସ୍ଥାନୀୟ ଲୋକେ ଏହାକୁ ଗୁଚ୍ଛୁପାନୀ ବୋଲି ବି କହିଥାନ୍ତି। ପ୍ରକୃତପକ୍ଷେ ଏହା ହେଉଛି ଗୋଟିଏ ଗୁମ୍ଫା, ଯାହା ମଧ୍ୟ ଦେଇ ଏକ ଜଳଧାରା ପ୍ରବାହିତ ହୋଇଥାଏ। ଏଭଳି ଏକ ଅପୂର୍ବ ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ...**





ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ପ୍ରାୟ ୮ କି.ମି ଦୂରରେ ରହିଛି ସହସ୍ରଧାରା ନାମକ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଠିକ୍ ଏହାରି ପାଖରେ ହିଁ ରବର୍ସ କେଭ୍ ଦେଖିବାକୁ ମିଳେ; ଯାହାକୁ ସ୍ଥାନୀୟ ଲୋକେ ଗୁଚ୍ଛୁପାନୀ ବୋଲି କହିଥାନ୍ତି। ପ୍ରକୃତପକ୍ଷେ ଏହା ହେଉଛି ୬୦୦ ମିଟର ଲମ୍ବା ବିଶିଷ୍ଟ ଏକ ଗୁମ୍ଫା ; ଯାହାକି ଦୁଇ ଭାଗରେ ବିଭକ୍ତ। ଗୁମ୍ଫା ହେଲେ ବି ଏହାର ସ୍ଥାନେ ସ୍ଥାନେ ଖୋଲା ଜାଗା ମଧ୍ୟ ରହିଛି, ଯାହାର ଉଭୟ ପାର୍ଶ୍ୱରେ ପଥର ପାଚିରି ଏବଂ ସେଥିରେ ଗଛଲତା ଥିବାର ଦେଖାଯାଏ। ଉପରେ ଖୋଲା ଆକାଶର ଦୃଶ୍ୟ ବି ବେଶ୍ ମନୋରମ ଲାଗେ। ସୂଚନାନୁଯାୟୀ, ଉକ୍ତ ଗୁମ୍ଫାର ଭିତର ପାର୍ଶ୍ୱର ଏକ ସ୍ଥାନରୁ ପ୍ରାୟ ୧୦ ମିଟର ଉଚ୍ଚରୁ ଏକ ଝରଣା ବୋହୁଥିବାର ଦୃଶ୍ୟ ବେଶ୍ ଆଖିଦୃଶିଆ ହୋଇଥାଏ। ଆଉ ସେହି ଝରଣାର ପାଣି ଗୁମ୍ଫା ମଧ୍ୟ ଦେଇ ପ୍ରବାହିତ ହୋଇ ପର୍ଯ୍ୟଟକଙ୍କୁ ନିଆରା ଆନନ୍ଦ ପ୍ରଦାନ କରିଥାଏ। ଗୁମ୍ଫା ଆରମ୍ଭରୁ ପର୍ଯ୍ୟଟକମାନେ ଏହି ପାଣି ଭିତରେ ପଶି ପଶି ଆଗକୁ ଯାଇଥାନ୍ତି। କେଉଁଠି ପାଦେ ପାଦେ ପାଣି ଥାଏ ତ କେଉଁଠି ଆଣ୍ଠୁଏ ପାଣି। କିନ୍ତୁ ଏହି ଜଳାଧାରା ଭିତରେ ଗୋଡ଼ ପୂରାଇ ଚାଲି ଚାଲି ବୁଲିବାରେ ବେଶ୍ ମଜି ଯାଇଥାନ୍ତି ପର୍ଯ୍ୟଟକ। ଚାଲିବାର ଥକ୍କାପଣ ସେମାନଙ୍କୁ ଅନୁଭବ ହୁଏ ନାହିଁ। ବରଂ ଏହା ସେମାନଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ। ସେଥିପାଇଁ ପ୍ରାକୃତିକ ଉପାୟରେ ସୃଷ୍ଟି ହୋଇଥିବା ଏହି ସ୍ଥାନଟି ଏବେ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହେଉଛି। କେବଳ ସେତିକି ନୁହେଁ, ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉତ୍ତରାଖଣ୍ଡ ସରକାର ଏହାର ରକ୍ଷାବେକ୍ଷଣର ଦାୟିତ୍ୱ ନିଜ ହାତକୁ ନେଇ ଏଠାରେ ଅନେକ ଆଖିଦୃଶିଆ କାର୍ଯ୍ୟ ମଧ୍ୟ କରିଛନ୍ତି। ସେଥିପାଇଁ ଦିନକୁ ଦିନ ଏଠାରେ ପର୍ଯ୍ୟଟକଙ୍କର ସଂଖ୍ୟା ବୃଦ୍ଧି ପାଉଛି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ,ଏପ୍ରିଲ୍‌ରୁ ଅକ୍ଟୋବର ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ବିଶେଷକରି ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଡେରାଡୁନ୍ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ। ସେଠାରୁ ଟାଉନ୍ ବସ୍ ଯୋଗେ ଅନରୱାଲା ନାମକ ଏକ ଗାଁ ପର୍ଯ୍ୟନ୍ତ ଯିବାର ସୁବିଧା ରହିଛି। ତା'ପରେ ସେଠାରୁ ପ୍ରାୟ ୧ କି.ମି ପର୍ଯ୍ୟନ୍ତ ଟ୍ରେକିଂ କରି ଗଲେ ଏହି ରବର୍ସ କେଭ୍ ପଡିଥାଏ।

### କିଛି ଜରୁରୀ ସୂଚନା

* ଗୁମ୍ଫା ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟିବାକୁ ହୋଇଥାଏ।
* ପାଣି ଭିତରେ ପଶି ଆରାମରେ ଚାଲିବା ପାଇଁ ଯେଉଁ ଉପଯୁକ୍ତ ଚପଲର ଆବଶ୍ୟକତା ଥାଏ, ତାହା ଏଣ୍ଟ୍ରି ଗେଟ୍ ପାଖରେ ଭଡ଼ାରେ ଦିଆଯାଇଥାଏ। ପର୍ଯ୍ୟଟକ ଏହାର ମଧ୍ୟ ସୁବିଧା ନେଇପାରିବେ।
* ଗୁମ୍ଫା ମଧ୍ୟରେ ବୁଲିବା ନିମନ୍ତେ ଏଠାରେ ପର୍ଯ୍ୟଟକଙ୍କୁ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁମତି ମିଳିଥାଏ।
* ସବୁଠୁ ବଡ଼ କଥା ହେଉଛି, ଗୁମ୍ଫା ମଧ୍ୟରେ ସ୍ଥାନେ ସ୍ଥାନେ ଆବଡ଼ା ଖାବଡ଼ା ରାସ୍ତା ବି ଥାଏ, ସେଠାରେ ପର୍ଯ୍ୟଟକଙ୍କୁ ଟିକେ ସାବଧାନତାର ସହ ଚାଲିବାକୁ ହୋଇଥାଏ। ଏଥିପ୍ରତି ପର୍ଯ୍ୟଟକ ସତର୍କ ରଖିବା ଦରକାର।










# ଫଳ ଉପରର ଷ୍ଟିକର କ'ଣ କହେ




**ଫଳ କିଣିବାବେଳେ ସେଓ, କମଳା ଭଳି କିଛି ଫଳ ଉପରେ ଛୋଟିଆ ଷ୍ଟିକର ଲାଗିଥିବା ସମସ୍ତେ ଦେଖିଥିବେ। ତେବେ ଜାଣନ୍ତିକି ଏହି ଷ୍ଟିକର କ'ଣ ପାଇଁ ଲାଗିଥାଏ। ପ୍ରକୃତରେ ଏଇ ଷ୍ଟିକର ଦେଇଥାଏ ଫଳ ବିଷୟରେ ଅନେକ ତଥ୍ୟ। ଜାଣନ୍ତୁ ସେ ସମ୍ପର୍କରେ..**

ଫଳ ଶରୀର ପାଇଁ ବହୁ ଉପକାରୀ। ତେଣୁ ସମସ୍ତେ ନିଜ ଖାଦ୍ୟ ସାରଣୀରେ ଫଳକୁ ଯେମିତି ବି ହେଉ ସାମିଲ କରିବାକୁ ଚେଷ୍ଟା କରିଥାନ୍ତି। ହେଲେ ଫଳ କିଣିବାବେଳେ ଯଦି ଭଲ ଫଳ ବାଛି ନ ଆଣିବା ତେବେ ସ୍ୱାସ୍ଥ୍ୟ ଖରାପ ହେବାର ବି ଆଶଙ୍କା ଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଭଲ ଫଳ କିଣିବାରେ ଆମକୁ ଫଳ ଉପରର ଷ୍ଟିକର ସାହାଯ୍ୟ କରିପାରିବ। ହେଲେ ଅନେକେ ଏ ସମ୍ପର୍କରେ ନ ଜାଣିଥିବା ହେତୁ ଏହାକୁ ଅଣଦେଖା କରିଦଅନ୍ତି। ଜାଣି ରଖନ୍ତୁ ଏଇ ଷ୍ଟିକର୍‌ରେ ଥାଏ ଏକ କୋଡ୍, ଯାହାକି ଫଳ ସମ୍ପର୍କରେ ଦେଇଥାଏ ତଥ୍ୟ, ଯେମିତିକି ଏହାର ଗୁଣବତ୍ତା। ଷ୍ଟିକର ମାଧ୍ୟମରେ ଜାଣିହେବ କେଉଁ ଫଳକୁ ରାସାୟନିକ ସାର ବ୍ୟବହାର କରି ଉତ୍ପାଦନ କରାଯାଇଛି ଓ କାହାକୁ ପ୍ରାକୃତିକ ତଥା ଅର୍ଗାନିକ ଉପାୟରେ ଚାଷ କରାଯାଇଛି। ତେଣୁ କୋଡ୍ ଦ୍ୱାରା ଭଲ ଫଳ ବାଛିବା ସହଜ ହୋଇଯାଏ। ଫଳ ଉପରର ଷ୍ଟିକର୍‌ରେ ଥିବା ଏହି କୋଡ୍‌କୁ ପିଏଲ୍‌ୟୁ (ପ୍ରାଇସ୍ ଲୁକ୍ ଅପ୍ ) କୋଡ୍ କୁହାଯାଏ। ଫଳ ଉପରେ ଲାଗିଥିବା ଚାରି ଅଙ୍କର ପିଏଲ୍‌ୟୁ କୋଡ୍, ଯାହାକି ୩ ବା ୪ରୁ ଆରମ୍ଭ ହୁଏ ତା'ର ଅର୍ଥ ହେଉଛି ଏହି ଫଳଚାଷରେ ପାରମ୍ପରିକ ପଦ୍ଧତିର ବ୍ୟବହାର ହୋଇଛି। ହେଲେ ଏହା ଅର୍ଗାନିକ ନୁହେଁ। ଏହି ଫଳ ସ୍ୱାସ୍ଥ୍ୟପ୍ରତି ବିଶେଷ ହାନିକାରକ ହୋଇ ନ ଥାଏ। ଏହା ଟିକେ ଶସ୍ତାରେ ବି ଉପଲବ୍ଧ ହୁଏ। ନମ୍ବର ୮ରୁ ଆରମ୍ଭ ହେଉଥିବା ପାଞ୍ଚ ଅଙ୍କର କୋଡ୍ କୌଣସି ଫଳ ଅବା ପନିପରିବା ଉପରେ ଥିଲେ ତାହା ଜିଏମ୍‌ଓ(ଜେନେଟିକାଲି ମୋଡିଫାଏଡ ଅର୍ଗାନିଜମ୍) ଦ୍ୱାରା ଚାଷ ହୋଇଛି। ହେଲେ ଫଳ କିଣିବାବେଳେ ଯଦି ଦେଖିବେ କି ପାଞ୍ଚ ଅଙ୍କର କୋଡ୍ ୯ ରୁ ଆରମ୍ଭ ହେଉଛି, ତେବେ ସେହି ଫଳକୁ ବିନା କୀଟନାଶକ ବ୍ୟବହାରରେ ଅର୍ଗାନିକ ଉପାୟରେ ଚାଷ କରାଯାଇଛି। ତା'ସହ ଏହାକୁ ଚାଷ କଲାବେଳେ ପୁରାତନ ପଦ୍ଧତିର ବ୍ୟବହାର ବି ହୋଇଛି। ତେଣୁ ଏହି ଫଳ ସ୍ୱାସ୍ଥ୍ୟ ପାଇଁ ହିତକର।



# ଅଜବ ଚୋର



ଚୋରିର ଏକ ଅଜବ ଘଟଣା ନିକଟରେ ଦେଖିବାକୁ ମିଳିଛି। ପେରୁରେ ତିନିଜଣ ଚୋର ଏକ ଶୋ'ରୁମ୍‌ରେ ରାତି ସାଢେ ତିନିଟାରେ ଲକ୍ ଭାଙ୍ଗି ପଶିଲେ। ଆଉ ବ୍ରାଣ୍ଡେଡ୍ ଜୋତାର ୨୦୦ରୁ ଊର୍ଦ୍ଧ୍ୱ ବାକ୍ସ ଉଠେଇ ନେଇଗଲେ। ସେହି ବାକ୍ସରେ ଭିନ୍ନ ଭିନ୍ନ ନାମୀ ଦାମୀ ବ୍ରାଣ୍ଡର ଜୋତା ଥିଲା। ଯାହାର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଥିଲା। ହେଲେ ପରେ ଚୋରମାନେ ଜାଣିବାକୁ ପାଇଲେ ସେସବୁ ବାକ୍ସରେ ଗୋଟିଏ ଗୋଡର ହିଁ ଜୋତା ଥିଲା। ଯାହାକି କୌଣସି କାମର ନୁହେଁ। ଏମିତିରେ ଦୋକାନୀ ତ କ୍ଷତିରେ ପଡିଲେ। ତା'ସହ ଚୋରମାନଙ୍କ ପରିଶ୍ରମ ବି ବୃଥା ଗଲା।

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

# ତତ୍ତ୍ୱ ଜାଣିଲେ...

ଶୁଆ ଆଉ ଛୁଆ ଭିତରେ ଏମିତି କେତେ ଫରକ କି? ଯେମିତି ଶୁଆ ଶାବକଟିଏ ଆଣି ଘରେ ପଞ୍ଜୁରି ଭିତରେ ରଖି ପୋଷା ମନେଇ ରାମ ନାମ ଘୋଷେଇଲେ, ଆହାର-ଆଦର ପାଇ ଆଉ ଘରଛାଡ଼ି ନ ଯାଇ ଶିଖେଇଥିବା କଥା କହେ, ଛୁଆଙ୍କୁ ପାଳି-ପୋଷି ବଡ଼କରି ଯାହା ବତେଇବେ.. ସେମାନେ ସେମିତି କରନ୍ତି । କେଇଦିନ ତଳେ ସୋସିଆଲ ମିଡିଆରେ ଗୋଟେ ଦୃଶ୍ୟ ମୋ ମନକୁ ପାଇଲା । ଗୋଟିଏ ମାଲିକ ଅନେକଦିନ ପଞ୍ଜୁରିରେ ଶୁଆ ରଖି ପୋଷା ମନେଇଁ ହରିନାମ ଘୋଷେଇଥିଲେ । ହଠାତ୍ ଦିନେ ତାକୁ ପଞ୍ଜୁରି ବନ୍ଧନରୁ ମୁକ୍ତ କରିବାକୁ ଇଚ୍ଛାକରି ତା' ଦୁଆର ଖୋଲି ଉଡ଼ିଯିବାକୁ କହିଲେ । ସେ ବାହାରି ନ ଯିବାରୁ ନିଜେ ହାତରେ କାଢିଆଣି ଉଡ଼େଇଲେ । ମାତ୍ର ବହୁଦିନର ଅଭ୍ୟାସ -ସଂସ୍କାର ବଶରୁ ବାହାରକୁ ଉଡ଼ି ନ ଯାଇ, ଘର ଭିତରେ ଝରକା ଉପରେ ବସି ରହିଲା । କାଳେ ଶୁଆଟି ପୁଣି ଅଭ୍ୟାସ ଦୋଷରୁ ପଞ୍ଜୁରି ଭିତରେ ପଶିଯିବ ଭାବି, ମାଲିକ ତା' ଆଗରେ ପଞ୍ଜୁରିକି ଭାଙ୍ଗି ଖଣ୍ଡ ଖଣ୍ଡ କରୁଥିବା ଦେଖି, ଶୁଆଟି ମାଲିକ ଉପରେ ରାଗିଯାଇ ରାଉ ରାଉ ହୋଇ ବଡ଼ପାଟିରେ ଯେମିତି କଳି କରୁଥିଲା, ଯେପରି ସେ କହୁଥିଲା... ମୋ ଆଶ୍ରୟ ନେଉଥିବା ପଞ୍ଜୁରି ଭାଙ୍ଗୁଛ, ଏବେ ମୁଁ କୋଉଠି ରହିବି! ସେଇ କାମରୁ ତାଙ୍କୁ ନିବୃତ୍ତ କରେଇବାକୁ ସେ ଚେଷ୍ଟାକରି ଚାଲିଥାଏ । ଯେଉଁ ମାଲିକ ତା' ମଙ୍ଗଳ ପାଇଁ ମୁକ୍ତ କରୁଛନ୍ତି, ତାଙ୍କ ମହତ ଇଚ୍ଛା ସେ ବୁଝି ନ ପାରି ଓଲଟା ଗାଳି କରୁଥିଲା । ତା'ର ଅସଲ ଘର, ପ୍ରକୃତ ଆନନ୍ଦ ଯେ ମୁକ୍ତ ଆକାଶ... ସବୁଜ ଜଙ୍ଗଲ ସେ ବୁଝିପାରୁ ନ ଥିଲା । ଆମେ ଆଉ ଶୁଆଠାରୁ ଅଧିକ କ'ଣ କି? ଯେବେ ମାଲିକରୂପୀ ଭଗବାନ୍, ଆମ ଦେହ-ପଞ୍ଜୁରିରୁ ମୁକ୍ତ କରିବାକୁ ମୃତ୍ୟୁରୂପକ ଦ୍ୱାର ଖୋଲି ନିର୍ବିଘ୍ନରେ ଚାଲିଯିବାକୁ ଆଦେଶ ଦିଅନ୍ତି, ଆମେ ମଧ୍ୟ ଦୀର୍ଘଦିନର ଦେହ ସମ୍ପର୍କ -ସଂସ୍କାର ଛାଡ଼ି ଯିବାକୁ ଇଚ୍ଛା କରୁନା । ମୋହ-ମାୟାର ପ୍ରିୟଜନଙ୍କୁ ଚିର ଆପଣାର ଭାବି ଛାଡ଼ିଯିବାକୁ ମନ ଚାହେଁନା । ଭଗବାନଙ୍କ ମଙ୍ଗଳ ଇଚ୍ଛା ନ ବୁଝି, ବରଂ ତାଙ୍କୁ ଦୋଷାରୋପ କରୁ । କାହିଁକି ମତେ ଏଡ଼େବେଗି ମାରିଦେଉଛ.. ତଡ଼ି ଦେଉଛ ଅଭିଯୋଗ କରିଥାଉଁ । ଅଳ୍ପଦିନର ଆଶ୍ରୟ ନେଇଥିବା ଶରୀରକୁ ଚିର ଆପଣାର ଭାବି, ଭଙ୍ଗା ଶରୀର ରୂପକ ପଞ୍ଜୁରି ମୋହ ଆମକୁ ଛାଡ଼େନି । ଯଦିଓ ଜୀବନ କାଳରେ ସେ ଅନେକଥର ଦେଖିଥାଏ ଯେ, ମାରିଥିବା ପ୍ରିୟଜନଙ୍କୁ ତା' ନିଜ ଲୋକ ଭୂତ କହି, ତଡ଼ିବାକୁ ଗୁଣିଆ ଡାକନ୍ତି ଓ ତା' ସାଇତା ଧନକୁ ପିଲାଏ ମନଇଚ୍ଛା ଉଡ଼ାଉଛନ୍ତି, ତଥାପି ଏଇ ମୋହର କାରଣ.. ଦୀର୍ଘଦିନ ଦେହ ବନ୍ଧନ -ସଂସ୍କାର ଦୋଷ ।

ସେମିତି ଆଉଗୋଟେ ଘଟଣା ମନେପଡୁଛି । ଗୋଟିଏ ଗାଁରେ ଥିବା ଭାଗବତ ଟୁଙ୍ଗିରେ ସଞ୍ଜ ହେଲେ ଅନେକ ଲୋକ ପୁରାଣ ଆଦି ଶୁଣିବାକୁ ସବୁଦିନ ଯାଆନ୍ତି । ଏକଥା ଦେଖି ଜଣେ ମାଉସୀ ତା' ସ୍ୱାମୀକୁ କହିଲେ,- ହେଇଟି ! ତମେ ତ ବୁଢ଼ା ହେଲଣି । କୋଉଦିନ ହରିନାମ କରିଲନି କି ଶୁଣିଲନି । ସମସ୍ତେ ସଞ୍ଜରେ ହରିନାମ କରି ପୁରାଣ ଶୁଣିବାକୁ ଗଲାବେଳେ ତମେ ଟିକେ ତାଙ୍କ ସାଙ୍ଗରେ ଯାଉନା ! ବାରମ୍ବାର କହିବାପରେ ବିଚରା ମଉସା ବାଧ୍ୟରେ ଦିନେ ଡେରିରେ ଗଲେ । ସେତେବେଳକୁ ଭକ୍ତଗଣ ଟୁଙ୍ଗି ଭିତରେ ଭର୍ତ୍ତି ହୋଇଯାଇଥିବା ଦେଖି, ଜାଗା ନ ପାଇ ବାହାର ବାରଣ୍ଡାରେ ବସି ଶୁଣୁ ଶୁଣୁ ଅଭ୍ୟାସ ଦୋଷରୁ କେତେବେଳୁ ଢୁଳେଇ ଢୁଳେଇ, ଶୋଇକି ଘୁଙ୍ଘୁଡ଼ି ମାରିଲେଣି, ସେ ଜାଣିନାହାନ୍ତି । ତେଣେ ଭାଗବତ ଟୁଙ୍ଗିର କାର୍ଯ୍ୟକ୍ରମ.. ପୁରାଣପଠନ ସାରି, ସମସ୍ତେ ଘରକୁ ଫେରିଲା ବେଳକୁ ମଉସାଙ୍କୁ ଡାକିବାରୁ ସେ ଉଠିକି ଆସିଲେ । ରାତି ନ'ଟା ବାଜିଲାଣି । ଭୋକ ଲାଗିଲେ ବି ମାଉସୀ ନ ଖାଇ, ନ ଶୋଇ ଜଗି ବସିଥାନ୍ତି ଦୁଆରେ । ମଉସାଙ୍କ ଆଗମନ ଦେଖି ଖୁସିରେ ମାଉସୀ ପଚାରିଲେ.. ଆଗରୁ ଯେତେ କହିଲେ ତେମେ ତ ଯାଉ ନ ଥିଲ । କହିଲ କହିଲ... ଆଜି ପୁରାଣ, ହରିନାମ କେମିତି ଲାଗିଲା ? ମଉସା ରାଗି କହିଲେ.. ମତେ ଆଉ ପଚାରେନା । ଛି ଛି ଛି । ତତେ କିଏ ସେ କହିଛି.. ପୁରାଣ, ହରିନାମ ମଧୁରିଆ ? ମୁଁ ନିଜେ ତ ଚାଖିଲି ଭାରି ଲୁଣିଆ.. ଅତି ଦୁର୍ଗନ୍ଧିଆ ।



ଏତିକିବେଳେ ଟୁଙ୍ଗିରୁ ଫେରୁଥିଲା ଦିଅର ଲେଖାରେ ସାଧୁଆ । ମାଉସୀ ତାକୁ ଡାକି ପଚାରିଲେ.. ସାଧୁରେ! ତମକୁ ହରିନାମ ପୁରାଣ କେମିତି ଲାଗିଲା ? ସେ କହିଲା... "ହରିନାମେ କି ରସ ଅଛି, ପାନକଲା ଲୋକ ସିନା ଜାଣିଛି...! ତମେ ଗଲେ ଜାଣିବ । ମାଉସୀ କହିଲେ, - ଆଉ ଇଏ କଣ କହୁଛନ୍ତି.. ଲୁଣିଆ- ଦୁର୍ଗନ୍ଧିଆ ? ସାଧୁଆ କହିଲା.. ଏ ଭାଇନା ତ ବାହାରେ ବସିକି ଢୁଳାଉଥିଲେ । ମୁଁ ବାହାରେ ଆସି ଦେଖିଲା ବେଳକୁ ତାଙ୍କ ବିଡ଼ି ପିଆ.. ଖଇନି ଖିଆ ପାଟିକୁ ଶୁଙ୍ଘି ଗୋଟାଏ କୁକୁର ତା ପଛ ଗୋଡ଼ଟା ଟେକି, ତା' ଉଦର ଲବଣାକ୍ତ ଜଳକୁ ମୁହଁରେ ଛାଡ଼ିଦେଇ, ପେଟ ଖଲାସ ମନ ଉଲ୍ଲାସକରି ପଳେଇଲା । ସେଇ ନିଦୁଆ ଅବସ୍ଥାରେ ସେ ଯାହା ଚାଖିଲେ, ଲୁଣିଆ ଦୁର୍ଗନ୍ଧିଆ ନ କହି, ଆଉ କ'ଣ ମଧୁରିଆ କହିବେ ? ବିଚରା ମଉସାଙ୍କ ସଞ୍ଜରୁ ଶୋଇବା ଅଭ୍ୟାସ -ସଂସ୍କାରର ଏଇଟା ଫଳ ।

ଆଉ ଦିନେ ମାଉସୀ ତାଙ୍କର ଗୋଟେ ଦୁଃଖ ଭୁଲିବାକୁ ପୁରାଣ ଶୁଣିବାକୁ ଗଲେ । ସେତେବେଳେ ରାମାୟଣ ପଢ଼ା ଚାଲିଥାଏ । କିଛି ସମୟ ପୁରାଣ ପଢୁଥିବା ବୁଢ଼ା ନନାଙ୍କ ମୁହଁକୁ ଏକାଲକ୍ଷ୍ୟରେ ଅନେଇଲା ପରେ, ଭୋ ଭୋ କାନ୍ଦି, ଲୁହକୁ ପଣତ କାନିରେ ପୋଛୁଥିବା ଦେଖି, ପାଖରେ ବସିଥିବା କେଇଜଣ ଅବାକ୍ ହୋଇ ପଚାରିଲେ... ହେ ମାଉସୀ ! ଆମେ ନିଇତି ପୁରାଣ ଶୁଣୁଛୁ । ରାମ ବନବାସ, ସୀତା-ହରଣ, ଜଟାୟୁ ମରଣ, ଲକ୍ଷ୍ମଣ ଶକ୍ତିଭେଦ କଥା ଶୁଣିକି ବି ଆମ ଆଖିରେ ଦିନେ ଲୁହ ଆସୁନି । ତେମେ ଆଜି କୋଉକଥାରେ ଏତେ କାନ୍ଦୁଛ କହିଲ ? ମାଉସୀ କହିଲେ... ମତେ ମରଣ ହଉନି ଯାହା ! ପଡ଼ିଯାଉ ସେ ପୁରାଣ ଚରଚ୍ଚା ! ହେଲେ ସେଇ ବୁଢ଼ା ପାଚିଲା ଦାଢ଼ି କେରାଏ ରଖି, ପୁରାଣ ପଢ଼ି ମୁଣ୍ଡକୁ ହଲେଇ ଯେମିତି ବୁଝାଉଛନ୍ତି, ତାଙ୍କରି ଦାଢ଼ି ଦୋହଲିବା ଦେଖି ମୋ ଧୋବଲା ବୋଦା କଥା ମନେପଡ଼ିଯାଉଛି । ଗଲା ଶୁକରବାରେ ସେ ମରିଗଲା । ତାକୁ ମୁଁ ଯେତେବେଳେ ଡାଳ ପତର ହାତରେ ଧରି ଖାଇବାକୁ ଦିଏ, ସେ କାମୁଡି ଛିଣ୍ଡେଇ ପାକୁଳି କଲାବେଳେ, ତା ମୁଣ୍ଡ ସାଥିରେ ଯୋଉ ଧୋବଲା ଦାଢ଼ି ହଲୁଥାଏ, ଅବିକଳ ଏଇ ପୁରାଣପଢ଼ା ବୁଢ଼ାର ଦାଢ଼ି ହଲିବା ଦେଖି, କୋଉଠିଥିଲା ସେ ବାଡ଼ିପଡ଼ା ଦୁଃଖ... ମୋ ଛାତିକି ଫଟେଇ କୋହ ଉଠେଇ ଲୁହହେଇ ଆଖିରୁ ତ ଗଳିପଡୁଛି.. ଆଉ ।

ଆଜ୍ଞା ! ଏ ସବୁ ସେଇ ଛେଳି ସାଙ୍ଗେ ବାନ୍ଧିଥିବା ମାୟା ସଂସ୍କାର ମୋହର ଫଳ । ଏଇ ସଂସ୍କାର ଅଭ୍ୟାସ ମୋହଗ୍ରସ୍ତ ମଣିଷ, ମଲାପରେ ବି ମୁକ୍ତ ନ ହୋଇ ଭୂତ ହୋଇ ବୁଲିବେ କି ନା.. କହୁନାହାନ୍ତି ! ଯେମିତି ଅଧିକାଂଶ ଚାକିରି ସରିବା ପରେ ବି ଅଭ୍ୟାସ ବଶରୁ ଅଫିସିକି ଧାଇଁଯାଆନ୍ତି । କେହି ନେତୃପଦ ହରେଇ ବି ପାର୍ଲାମେଣ୍ଟ କି ଆସେମ୍ବିଲି ଚାରିପଟେ ଚକ୍କର କାଟି ପୁଣି ପଶିବାକୁ ଅଭିଳାଷ ଜାରି ରଖିଥାନ୍ତି । ଚାକିରି କାଳରେ ଛୁଟିନେଇ ବିଶ୍ରାମ ଚାହୁଁଥିବା ମଣିଷ, ସମ୍ପୂର୍ଣ୍ଣ ଦାୟିତ୍ୱ ମୁକ୍ତ ହେଲେବି ମୋହଗ୍ରସ୍ତ ହୋଇ ମନଦୁଃଖରେ ଭାଙ୍ଗିପଡି କେତେ କିଏ ରୋଗଗ୍ରସ୍ତ ହେଇଯିବାର ନଜିର ଅଛି । ପଦ-ପାୱାର, ଟଙ୍କା-ପଇସା ମୋହରୁ ମୁକ୍ତ ସହଜରେ ହୋଇପାରନ୍ତି ନାହିଁ । କିନ୍ତୁ ବୁଦ୍ଧିମାନ ଜ୍ଞାନୀ, ଜୀବନର ସତ୍ୟ କ'ଣ ବୁଝି, ବୁଦ୍ଧଦେବଙ୍କ ପରି ତ୍ୟାଗପଥରେ ଯାଇ ମୁକ୍ତିପଥ ଲଭନ୍ତି । ଯେଉଁମାନେ ସିଦ୍ଧ ସାଧୁ ମହାପୁରୁଷଙ୍କ ଉପଦେଶ ନ ମାନି ମନ ବଶରେ ପଡ଼ନ୍ତି, ସେଇମାନେ ମୋହଗ୍ରସ୍ତ ହୋଇ ମୁକ୍ତ ନୁହଁ ବରଂ ଭୂତପ୍ରାୟେ ବୁଲନ୍ତି । କଥାରେ ଅଛି.. ତତ୍ତ୍ୱ ଜାଣିଲେ ତୁଟେ ଭ୍ରାନ୍ତି, ଭବସାଗରୁ ତରିଯା'ନ୍ତି । ବିଚାର... ନିଜ ନିଜର ॥

*-ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ହାରି ନ ଥିବା ମଣିଷ

**ଦୁର୍ଗା ପ୍ରସାଦ ପରିଡା**
**ଗ୍ୟାରେଜ ଛକ, ଭୁବନେଶ୍ୱର-୨**
**ମୂଲ୍ୟ- ୩୦୦ଟଙ୍କା**

'ହାରି ନଥିବା ମଣିଷ' ଦୁର୍ଗା ପ୍ରସାଦ ପରିଡାଙ୍କ ଉପନ୍ୟାସ । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ଭାରତୀୟ ସେନାର ଜନୈକ ଅଫିସର ପାକିସ୍ତାନୀ ସେନାଦ୍ୱାରା ଧରାପଡି ଜେଲରେ ଦୀର୍ଘବର୍ଷ କାଳ ନିର୍ଯ୍ୟାତନାର ଶୀକାର ହୋଇ ଅକସ୍ମାତ ଭାରତକୁ ଫେରି ଆସିବାର କାହାଣୀକୁ ନେଇ ଉପନ୍ୟାସଟି ଗତିଶୀଳ । ଜୟସେଲମେର ସେକ୍ଟରର ଏକ କ୍ଷୁଦ୍ର ଘାଟିରେ ଅର୍ଜ୍ଜୁନଙ୍କୁ ମୁତୟନ କରାଗଲା । ଘାଟି ଦାୟିତ୍ୱରେ ଥିଲେ ସେକେଣ୍ଡ ଲ୍ୟୁଟନାଣ୍ଟ ଅଭୟ ସିଂ । ଟ୍ରେନିଂରେ ଯାହା ସେମାନେ ଯୁଦ୍ଧ ବିଷୟରେ ତାଲିମ ନେଇଥିଲେ, ହେଲେ ପ୍ରତ୍ୟକ୍ଷ ଅନୁଭୂତି କାହାରି ନାହିଁ । କେବଳ ହାବିଲଦାର ରାଜଶେଖରମ୍ ୧୯୬୫ ମସିହା ଯୁଦ୍ଧରେ ଭାଗ ନେଇ ପଦକ ପାଇଥିଲେ । ପରେ ସେମାନେ କିଭଳି ଯୁଦ୍ଧ କରିଛନ୍ତି ଓ ଅର୍ଜ୍ଜୁନଙ୍କୁ କିଭଳି ପାକିସ୍ତାନୀ ସେନା ନିର୍ଯ୍ୟାତନା ଦେଇଛନ୍ତି ତାହା ଏଥିରେ ବର୍ଣ୍ଣିତ । ଉପନ୍ୟାସଟି ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।




### ଅମୃତ ଗଣ୍ଠିଲି

**ଲଳିତ ମୋହନ ମିଶ୍ର**
**ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ-୨୨୦ଟଙ୍କା**

'ଅମୃତ ଗଣ୍ଠିଲି' ଲଳିତ ମୋହନ ମିଶ୍ରଙ୍କ ପୁସ୍ତକ । ଏଥିରେ ୧୦୦ଟି ବିଷୟରେ ଆଲୋଚନା କରାଯାଇଛି । ତଥାସ୍ତୁରେ ଆରମ୍ଭ ହୋଇ ସଂସାର ଈଶ୍ୱରଙ୍କ ପାଠଶାଳାରେ ଶେଷ ହୋଇଛି । ଆଧୁନିକତାର ଅନୁଚ୍ଛେଦରେ ପ୍ରଭୁଙ୍କ ବର୍ଣ୍ଣନା ବିଜ୍ଞାନ ସହ କରାଯାଇଛି । ଲେଖକ ୧୦୦ଟି ଆଧାତ୍ମିକ ବିଷୟକୁ ନେଇ ଏହି ପୁସ୍ତକଟିକୁ ପ୍ରକାଶ କରିଛନ୍ତି । ପ୍ରତି ଲେଖା ଶେଷରେ ଚିତ୍ର ଦିଆଯାଇଛି । ଏଥିରେ ଭଗବାନଙ୍କର ଭକ୍ତ ପ୍ରତି ପ୍ରେମ ଓ ଭଲ ପାଇବା ବିଷୟରେ ବି ବର୍ଣ୍ଣନା କରାଯାଇଛି । ମର୍ଯ୍ୟାଦା ପୁରୁଷୋତ୍ତମ ବାନରମାନଙ୍କ ସାହାଯ୍ୟରେ ସୀତାଙ୍କୁ ଉଦ୍ଧାର କଲେ, ବିଶ୍ୱରୂପ ଦର୍ଶନରେ ଅର୍ଜୁନ ମୋହଗ୍ରସ୍ତ ହେଲେ । ଶବରୀର ଅନ୍ତରକୁ ବୁଝିଥିଲେ ପ୍ରଭୁ ରାମଚନ୍ଦ୍ର । ଗଜର ଡାକକୁ ବି ଶୁଣିଥିଲେ ଭଗବାନ । ଈଶ୍ୱରଙ୍କ ଆଶୀର୍ବାଦର ଅସରନ୍ତି ଆଲେଖ୍ୟ ଆମ ଜୀବନକୁ ପରିପୃଷ୍ଟ କରିଛି । ଅମୃତ ଗଣ୍ଠିଲି ପୁସ୍ତକଟି ଶୃଙ୍ଖଳିତ ଜୀବନ ଧାରଣ ପାଇଁ ସମର୍ପିତ ।



### ଅଧାତ୍ମର ଲାଭ

**ଦୁର୍ଗାଚରଣ ମିଶ୍ର**
**ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର**
**ମୂଲ୍ୟ-୨୦୦ଟଙ୍କା**

'ଅଧାତ୍ମର ଲାଭ' ଦୁର୍ଗାଚରଣ ମିଶ୍ରଙ୍କ ପୁସ୍ତକ । ୨୩ଟି ବିଷୟ ଉପରେ ଆଲୋଚନା କରାଯାଇ ଏହି ସଂକଳନଟି ପ୍ରସ୍ତୁତ କରାଯାଇଛି । ଏଥିରେ ଶିଶୁଟିର ଜନ୍ମଠାରୁ ଆମେ କିପରି ତାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁ ସେ ବିଷୟରେ ଲେଖକ କହିଛନ୍ତି । ସବୁବେଳେ ତାକୁ କେଉଁ ନା କେଉଁ ବାଟରେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ଲାଭର ଆଶା ଦେଖାଇ କାର୍ଯ୍ୟ କରିବାକୁ ଆମେ ପ୍ରବର୍ତ୍ତାଇ ଥାଉ । ଫଳରେ ସେସବୁ ତା'ର ଅଭ୍ୟାସରେ ପଡିଯାଏ । କିଛି ଲାଭ ବା କୌଣସି ଆଶା ଦେଖିଲେ ଯାଇ ସେ କାମ କରିଥାଏ । ଲେଖକ ପୁସ୍ତକରେ ଯେଉଁସବୁ ବିଷୟର ଅବତାରଣା ଏଠାରେ ନିଜ ସାଧମତେ ଉପସ୍ଥାପନ କରିଛନ୍ତି ତାହା ବାସ୍ତବରେ ଭାବ ଉଦ୍ରେକକାରୀ । ପୁସ୍ତକରୁ ପ୍ରତ୍ୟେକ ପାଠକ କିଛି ନା କିଛି ଶିଖିବେ ବୋଲି ଆଶା ।



ବ୍ୟାକ୍ ପେଜ୍

# ଏକଲାପଣ ଦୂର କରିବ ଏଇ ଚେୟାର

ଏହା ବିଜ୍ଞାନସିଦ୍ଧ ଯେ, ଆଲିଙ୍ଗନ ଦ୍ୱାରା ଶରୀରରୁ ପ୍ରାକୃତି ଲଭ୍ ଡ୍ରଗ, ଅକ୍ସିଟୋସିନ୍ ନିର୍ଗତ ହୋଇଥାଏ। ଯାହାକି ମଣିଷର ନର୍ଭ ସିଷ୍ଟମ୍‌କୁ ଶାନ୍ତ କରିଥାଏ ଓ ପଜିଟିଭ୍ ଇମୋସନ୍‌କୁ ବୁଷ୍ଟ କରେ। ସେଇ ଉଷ୍ମ ଅନୁଭବକୁ ପ୍ରଦାନ କରିବା ଲାଗି ଜାପାନର ଏକ କମ୍ପାନୀ ତିଆରି କରିଛି ଏକ ଖାସ୍ ଚେୟାର। କମ୍ପାନୀର କହିବାନୁସାରେ ଉକ୍ତ ଚେୟାର ବୟସ୍କ ଓ ଏକାକୀ ରହୁଥିବା



ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। 'ଟ୍ରାଙ୍କୁଇଲିଟି ଚେୟାର' ଏହାର ନାଁ। ଏହା ଏକ ପ୍ରକାରର ରକିଂ ଚେୟାର, ଯେଉଁଥିରେ ଏକ ଫ୍ୟାବ୍ରିକ୍‌ର ବଡ଼ କଣ୍ଢେଇ ରହିଥାଏ। କଣ୍ଢେଇଟି ଏକ ମହିଳାର, ଯେକି ଆପ୍ରୋନ୍ ପିନ୍ଧିବା ସହ ସୁନ୍ଦର ହ୍ୟାଟ୍ ପିନ୍ଧିଛି। ଆଉ ତା'ର ଦୁଇଟି ଲମ୍ବା ଲମ୍ବା ହାତ ଅଛି। ଏହା ଜାପାନର ପୁରୁଣା ଗୀତ ବି ଗାଇପାରେ। ବୟସ୍କ ବ୍ୟକ୍ତି ହୁଅନ୍ତୁ ଅବା ଏକା ରହୁଥିବା ବ୍ୟକ୍ତି ଉକ୍ତ ଚୟାରରେ ବସି ତାର ଦୁଇ ଲମ୍ବା ହାତରେ ଆଲିଙ୍ଗନର ଉଷ୍ମତାକୁ ଅନୁଭବ କରିପାରିବେ। ସୁମଧୁର ଗୀତ ବି ଶୁଣିପାରିବେ। ଫଳରେ ସେମାନେ ନିଜକୁ ଏକା ଅନୁଭବ କରିବେ ନାହିଁ। ଟୋକିଓର ଇଣ୍ଟରନ୍ୟାଶନାଲ ହୋମ୍‌କେୟାର ଆଣ୍ଡ ରିହାବିଲିଟେସନ୍ ଏକ୍‌ଜିବିସନ୍‌ରେ ଏହି ଚେୟାର ପ୍ରଦର୍ଶିତ ହୋଇଥିଲା। ଏହାକୁ ତିଆରି କରିବା ପଛର ଉଦ୍ଦେଶ୍ୟ ସମ୍ପର୍କରେ କମ୍ପାନୀ କହେ, ଜାପାନ ଜନସଂଖ୍ୟାର ୪୦ ପ୍ରତିଶତ ହେଉଛନ୍ତି ବୟସ୍କ, ଯାହାର ସଂଖ୍ୟା ବଢ଼ିବାରେ ବି ଲାଗିଛି। ସେମାନେ ଯେମିତି ଏକା ଅନୁଭବ ନ କରିବେ ସେଥିପାଇଁ ହିଁ ଏହି ସ୍ୱତନ୍ତ୍ର ଚେୟାର ତିଆରି କରାଯାଇଛି।







# ୧୧.୮ ଇଞ୍ଚର ଅଣ୍ଟା

ପତଳା ଅଣ୍ଟା ପାଇବାର ଇଚ୍ଛା ସବୁ ମହିଳାଙ୍କର ଥାଏ। ସେଥିପାଇଁ କିଏ କେତେ ବ୍ୟାୟାମ କରି ଝାଳ ବୁହାଇଥାନ୍ତି। ହେଲେ ଜାଣନ୍ତିକି ଏମିତି ଜଣେ ମହିଳା ଅଛନ୍ତି, ଯିଏକି ନିଜ ଇଚ୍ଛା ମୁତାବକ ନିଜ ଅଣ୍ଟାକୁ ବାନ୍ଧି ୧୧.୮ ଇଞ୍ଚ ପର୍ଯ୍ୟନ୍ତ ପତଳା କରିପାରନ୍ତି। ସେ ହେଉଛନ୍ତି ମେକ୍ସିକୋର ୨୬ ବର୍ଷୀୟା ମଡେଲ ରୁଥ୍ ଲୁଜାନ୍। ରୁଥ୍ ନିଜ ଅଣ୍ଟାକୁ ଚାପି ପୁରା ଛୋଟ କରିଦେଇପାରନ୍ତି। ତେବେ ଭାବୁଥିବେ ଏହା କିଭଳି ସମ୍ଭବ ? ପ୍ରକୃତ କଥା ହେଉଛି ରୁଥ୍ ୧୯ ବର୍ଷ ବୟସର ହୋଇଥିବାବେଳେ ହାଇପରଲାକ୍ସିଟି ସିଣ୍ଡ୍ରୋମ୍ ନାମକ ରୋଗରେ ପିଡିତ ହେଇଥିଲେ। ଏହା ଏପରି ଏକ ବିରଳ ସ୍ଥିତି ଯେଉଁଥିରେ ହାଡର ଜଏଣ୍ଟରେ ଥିବା ଲିଗାମେଣ୍ଟ ଖୋଲିଯାଏ। ଫଳରେ ଶରୀରକୁ ଯେତେ ଚାହିଁବ ଫ୍ଲେକ୍ସିବଲ୍ କରି ହେବ। ପ୍ରଥମେ ତାଙ୍କର ଏଭଳି ସ୍ଥିତି ତାଙ୍କ ବାଲେଟ୍ ଡ୍ୟାନ୍ସ ଟିଚର୍ ନଜର କରିଥିଲେ। ଆଉ ରୁଥ୍‌ଙ୍କୁ ଡାକ୍ତରଙ୍କ ସହ ଦେଖା କରିବାକୁ କହିଥିଲେ। ଡାକ୍ତର ଯାଞ୍ଚ କଲାପରେ ଏହି ବିରଳ ରୋଗ ସମ୍ପର୍କରେ ଜାଣିପାରିଥିଲେ। ଡାକ୍ତର ତାଙ୍କୁ ବାଲେଟ୍ ଡ୍ୟାନ୍ସ ନ କରିବାକୁ ବି କହିଲେ। କାରଣ ତାଙ୍କ ମାଂସପେଶୀ ହାଡ଼କୁ ବାନ୍ଧି ରଖିପାରୁ ନ ଥିଲା। ଏହି କାରଣରୁ ତାଙ୍କୁ ଅଣ୍ଟାରେ କୋର୍ସେଟ୍ ବାନ୍ଧିବାକୁ ପଡ଼ିଲା। କୋର୍ସେଟ୍‌କୁ ଟାଇଟ୍ କରି ସବୁବେଳେ ପିନ୍ଧିବା ଦ୍ୱାରା ତାଙ୍କ ଅଣ୍ଟା କିଛିଟା ସରୁ ହୋଇଗଲା। ତା'ସହ ଜଏଣ୍ଟ ଫ୍ଲେକ୍ସିବଲ୍ ହୋଇଯାଇଥିବାରୁ ଅଣ୍ଟାକୁ ସେ ଖୁବ୍ ଜୋର୍‌ରେ ବାନ୍ଧି ଅଣ୍ଟାକୁ ମାତ୍ର ୧୧.୮ ଇଞ୍ଚ ସରୁ କରିପାରୁଛନ୍ତି। ଏଥିପାଇଁ ଅନେକେ ତାଙ୍କୁ ରୋବୋ ବୋଲି ମଧ୍ୟ ଭାବୁଛନ୍ତି।



# ପ୍ଲାଷ୍ଟିକ ବୋତଲରେ ଟି-ଶର୍ଟ

ଟି-ଶର୍ଟ ବହୁତ ଆରାମଦାୟକ ହୋଇଥାଏ। ତେଣୁ ଏହାକୁ ପିନ୍ଧିବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ଟି-ଶର୍ଟ ବିଭିନ୍ନ ଫ୍ୟାବ୍ରିକ୍‌ରେ ଉପଲବ୍ଧ ହୁଏ। ତେବେ ନିକଟରେ ଏମିତି ଏକ ଟି-ଶର୍ଟ ତିଆରି କରାଯାଇଛି ଯାହା ଦେଖିବାକୁ ଭଲ ଲାଗିପାରେ, ହେଲେ ଏହା ପିନ୍ଧିବା ଯୋଗ୍ୟ ନୁହେଁ। ପ୍ରଥମତଃ ଏହା ହେଉଛି ବେଶ୍ ବଡ଼। ତେଣୁ ଏହାକୁ ପୃଥିବୀର ସବୁଠାରୁ ଲମ୍ବା ଟି-ଶର୍ଟ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଉକ୍ତ ଟି-ଶର୍ଟକୁ ପ୍ଲାଷ୍ଟିକ୍ ବୋତଲ ତରଳାଇ ରିସାଇକେଲ କରି ତିଆରି କରାଯାଇଛି। ୩୫୭.୪୮ ଫୁଟ ଲମ୍ବା ଓ ୨୪୧.୦୮ ଫୁଟ ଚଉଡ଼ା ଏହି ଟି-ଶର୍ଟକୁ ରୋମାନିୟାର ବୁଖାରେଷ୍ଟ ସହରରେ ପ୍ରଦର୍ଶିତ କରାଯାଇଥିଲା। ଏହାକୁ ରୋମାନିୟାର ତିନୋଟି ସଂସ୍ଥା ମିଶି ତିଆରି କରିଥିଲେ। ସେମାନଙ୍କର ଉଦ୍ଦେଶ୍ୟ ଥିଲା ରୋମାନିୟା ଅଧିବାସୀଙ୍କୁ ରିସାଇକେଲ କରିବା ପ୍ରତି ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସେମାନେ ଲୋକଙ୍କୁ କହିବାକୁ ଚାହୁଁଥିଲେ ଯେ, ପ୍ଲାଷ୍ଟିକକୁ ରିସାଇକେଲ କରି ଉପଯୋଗୀ ଜିନିଷ ତିଆରି କରିହେବ। ଏହି ତିନିସଂସ୍ଥା ୩ ସପ୍ତାହରେ ୫ ଲକ୍ଷ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରି ଏକ ମାସରେ ସିଲେଇ କରି ଟି-ଶର୍ଟକୁ ତିଆରି କରିଥିଲେ। ଏଥିରେ ଦେଶର ଜାତୀୟ ପତାକାର ଡିଜାଇନ୍ ରହିଛି। ଆଉ ଏହା ଏତେ ବଡ଼ ଯେ, ତାକୁ ଷ୍ଟାଡିୟମ୍‌ରେ ପ୍ରଦର୍ଶିତ କରାଯିବା ସହ ଖୋଲିବା ଲାଗି ୧୨୦ଜଣ ଭଲ୍ୟୁଣ୍ଟର ଆବଶ୍ୟକ ପଡ଼ିଥିଲେ। ଏବେ ଉକ୍ତ ସଂସ୍ଥା ଚାହୁଁଛନ୍ତି ଏହି ବିରାଟକାୟ ଟି-ଶର୍ଟକୁ ୧୨୦୦ଟି ସାମାନ୍ୟ ଟି-ଶର୍ଟରେ ରୁପାନ୍ତରିତ କରିବ। ଯାହାକୁ କି ଗରିବ ପିଲାଙ୍କ ମଧ୍ୟରେ ବଣ୍ଟାଯିବ।